## ସଂକ୍ଷେପରେ

### ହିଙ୍ଗୁଳା ଯଜ୍ଞ ପାଇଁ ଆଲୋଚନା

**ରସୁଲପୁର,୨୩।୩(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ ଭୋଟକା ପଞ୍ଚାୟତର ବଇଁଚ ପଡ଼ିଆରେ ପୂଜିତ ମା' ହିଙ୍ଗୁଳାଙ୍କ ୬୩ତମ ଯଜ୍ଞ ପାଇଁ ପ୍ରସ୍ତୁତି ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ରମାକାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଆଲୋଚନାରେ କମିଟି କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଶଶିଭୂଷଣ ରାଉତ ଅନୁଷ୍ଠାନର ଆୟବ୍ୟୟ ହିସାବ ସମ୍ପର୍କରେ ଅବଗତ କରାଇଥିଲେ। ଏପ୍ରିଲ ୧୬ରୁ ହିଙ୍ଗୁଳା ଯଜ୍ଞ ଆରମ୍ଭ ହେବ। ଏହି ଯଜ୍ଞ ୩ଦିନ ପାଳନ ହେବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି। ଏଥି ସକାଶେ ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁଯାୟୀ ପୂର୍ବଦିନ ରାତିରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ଘଟ ସ୍ଥାପନା କରାଯାଇ ପୂଜା କରାଯିବ। ଅନୁଷ୍ଠାନ ସହ ୨୨ଖଣ୍ଡ ମୌଜାର ବୁଦ୍ଧିଜୀବୀ ସାମିଲ ଅଛନ୍ତି। ସେମାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏଥିସହ କମିଟି ପୂର୍ବ ନିଷ୍ପତ୍ତି ଅନୁସାରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ, ଗନ୍ଧଣ ସରପଞ୍ଚ ରୁଦ୍ର ନାରାୟଣ ମହାନ୍ତି, ସମିତିସଭ୍ୟ ଅଜୟ କୁମାର ପଣ୍ଡା, ରସୁଲପୁର ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି ପ୍ରମୁଖଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କମିଟି କର୍ମକର୍ତ୍ତା ଅଶ୍ୱିନୀ କୁମାର ଦାସ, ରାଜକିଶୋର ଆଏଚ, ସୁଦର୍ଶନ ସାହୁ, ହରେକୃଷ୍ଣ ସାହୁ, ପୁରୁଷୋତ୍ତମ ଦାସ, ଅମୂଲ୍ୟ କୁମାର ଦାସ, ମନୋଜ କୁମାର ରାଉତ, ସରୋଜ କୁମାର ରାଉତ, ରବୀନ୍ଦ୍ର ସ୍ୱାଇଁ, ଅଦ୍ୱୈତ ରାଉତ, ତନୋଜ ରାଉତ ଓ ସତ୍ୟାନନ୍ଦ ପରିଡାଙ୍କ ସମେତ ଶତାଧିକ କମିଟି କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଧର୍ମଶାଳା ଡାକ୍ତରଖାନାରେ ବିଶେଷଜ୍ଞ ନିଯୁକ୍ତି ଦାବି

**ଧର୍ମଶାଳା,୨୩।୩(ଡି.ଏନ.ଏ.):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଏହାକୁ ପୂରଣ କରିବା ପାଇଁ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଦାବି କରିଛନ୍ତି। ଏହି ଡାକ୍ତରଖାନାରେ ଭେଷଜ, ଶଲ୍ୟ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ପଦବୀ ୩ ବର୍ଷ ହେବ ଖାଲି ପଡ଼ିଛି। ଫଳରେ ଅଞ୍ଚଳବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ନେଇ ଲାବଣ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ କୁମାର ଶର୍ମାଙ୍କୁ ଅବଗତ କରାଇବା ସହିତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଲାବଣ୍ୟ ଭୁବନେଶ୍ୱରସ୍ଥିତ ସଚିବାଳୟଠାରେ ସଚିବଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟର ଅନ୍ୟତମ ପୁରାତନ ଚିକିତ୍ସାଳୟ ହୋଇଥିବାବେଳେ ଧର୍ମଶାଳା ସହିତ ପଡ଼ୋଶୀ ବଡ଼ଚଣା, ବରୀ ଓ ରସୁଲପୁର ବ୍ଲକର ଜନସାଧାରଣ ଏହା ଉପରେ ନିର୍ଭର କରିଥାନ୍ତି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ଡାକ୍ତରଖାନାକୁ ଦୁର୍ଘଟଣାଗ୍ରସ୍ତ ରୋଗୀ ଆସିଥାନ୍ତି। ଏଥି ସହିତ ପ୍ରତି ମାସରେ ୨୦୦ରୁ ଅଧିକ ଗର୍ଭବତୀ ଆସିଥାନ୍ତି। ମାତ୍ର ବିଶେଷଜ୍ଞ ନ ଥିବାରୁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଥିବା ଲାବଣ୍ୟ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏପରି କି ବିଭାଗୀୟ ବିଶେଷଜ୍ଞ ନ ଥିବାରୁ ଡାକ୍ତରଖାନା ପରିସରରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଶିଶୁ ଓ ମାତୃ ଚିକିତ୍ସାଳୟର ସଦ୍‌ଉପଯୋଗ ହୋଇପାରୁନାହିଁ। ଏନେଇ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# କଡ଼ା ସୁରକ୍ଷା ବ୍ୟବସ୍ଥାରେ ଭୋଟ



ପୋଲିଂ ପାର୍ଟି କର୍ମଚାରୀମାନେ ବୁଥ୍ ଅଭିମୁଖେ ଯାତ୍ରା କରୁଛନ୍ତି।

**ଯାଜପୁର ଅଫିସ,୨୩।୩**

ଯାଜପୁର ଜିଲାର ଯାଜପୁର ଓ ବ୍ୟାସନଗର ପୌରପାଳିକା ନିର୍ବାଚନ ପାଇଁ ଭୋଟ ଗ୍ରହଣ ସକାଶେ ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଯାଜପୁର ଟାଉନରେ ୩୬ ବୁଥ୍ ଓ ବ୍ୟାସନଗରରେ ୪୪ ବୁଥ୍‌ରେ ଗୁରୁବାର ଭୋଟ ଗ୍ରହଣ କରାଯିବ। ଏହି ୨ ପୌରପାଳିକାରେ ୬ ପିଙ୍କ୍ ବୁଥ୍‌ର ବ୍ୟବସ୍ଥା ହୋଇଛି। ଏହି ବୁଥ୍‌ରେ ମହିଳାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ନିର୍ବାଚନ ପରିଚାଳନା କରାଯିବ। ସେଥିମଧ୍ୟରୁ ଯାଜପୁର ଟାଉନର ହରିସାମନ୍ତ ହାଇସ୍କୁଲରେ ୨୧, ୨୨ ଓ ୨୩ ନମ୍ବର ବୁଥ୍ ଏବଂ ବ୍ୟାସନଗର ସାପଗାଡ଼ିଆ ସରକାରୀ ପ୍ରାଥମିକ ସ୍କୁଲରେ ୨୭ ଓ ୨୮ ଏବଂ ଏନ୍‌ସି ହାଇସ୍କୁଲରେ ୪୨ ନମ୍ବର ବୁଥକୁ ମଡେଲ ବୁଥ ଭାବେ ଗ୍ରହଣ କରାଯାଇଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ବୁଧବାର ସନ୍ଧ୍ୟା ସୁଦ୍ଧା ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି।

ଜିଲାରେ ତାପମାତ୍ରା ବୃଦ୍ଧି ପାଇଛି। ଏଥିପାଇଁ ବୁଧବାର ଦିନତମାମ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଫଳରେ ପୋଲିଂ ପାର୍ଟି ଭୋଟ ଗ୍ରହଣ ସାମଗ୍ରୀ ନେଇ ବୁଥ୍‌କୁ ଯିବାକୁ ନାନା ହଇରାଣ ହୋଇଥିଲେ। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ପୋଲିଂ ପାର୍ଟିର ଅଧିକାରୀ ଓ କର୍ମଚାରୀମାନଙ୍କ ନାମ ପଞ୍ଜୀକରଣ କରାଯାଇ ଇଭିଏମ୍ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରଦାନ କରାଯାଇଥିଲା। ଗୁରୁବାର ସୁରୁଖୁରୁରେ ଭୋଟ ଗ୍ରହଣ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାଜପୁର ଏସ୍‌ପି ରାହୁଲ ପିଆର ସୂଚନା ଦେଇଛନ୍ତି, ୨ ପୌରାଞ୍ଚଳରେ ପ୍ରାୟ ୧୦ ପ୍ଲାଟୁନ ଫୋର୍ସ ଓ ଅଧିକାରୀମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ପଞ୍ଚାୟତ ନିର୍ବାଚନ ବେଳେ ଘଟିଥିବା ଗଣ୍ଡଗୋଳ ଯେପରି ପୌର ନିର୍ବାଚନ ବେଳେ ନ ଘଟେ ସେଥିପ୍ରତି ପୋଲିସ କଡ଼ା ନଜର ରଖିଛି। ପ୍ରତ୍ୟେକ ବୁଥ୍‌ରେ ସଶସ୍ତ୍ର ପୋଲିସ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ସଶସ୍ତ୍ର ପୋଲିସ ମୋବାଇଲ ପାର୍ଟି ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି। ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖାଯାଇଛି। ରାତିରେ ଚଳାଚଳ କରୁଥିବା ସମସ୍ତ ଯାନବାହାନକୁ ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି।

**ଯାଜପୁର, ବ୍ୟାସନଗର ପୌର ନିର୍ବାଚନ**

- ୧୦ପ୍ଲାଟୁନ୍ ଫୋର୍ସ ମୁତୟନ
- ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି

## କେନ୍ଦ୍ରାପଡ଼ା ଜିଲାର ନିର୍ବାଚିତ ବ୍ଲକ ଉପାଧ୍ୟକ୍ଷା/ଉପାଧ୍ୟକ୍ଷ



ମିନତୀ ବାରିକ୍
ଆଳି



ଦେବାଶିଷ ଆଚାର୍ଯ୍ୟ
ଡେରାବିଶ



ସୌଦାମିନୀ ଆଚାର୍ଯ୍ୟ
ଗରଦପୁର



ପ୍ରତାପ ନାରାୟଣ ମହାପାତ୍ର
କେନ୍ଦ୍ରାପଡ଼ା



ବିଜୟ ଶୁକ୍ଳା
ମହାକାଳପଡ଼ା



ଉର୍ମିଳା ମହାନ୍ତି
ମାର୍ଶାଘାଇ



ଜୟନ୍ତୀ ସାହୁ
ପଟ୍ଟାମୁଣ୍ଡାଇ



ତନ୍ମୟ ରଞ୍ଜନ ଦାସ
ରାଜକନିକା



ଗଣେଶ ଚନ୍ଦ୍ର ଗୁଡିଆ
ରାଜନଗର

# ଭାରତୀୟ ଶିଶୁ ଚିକିତ୍ସକ ସଂସ୍ଥାନର ବାର୍ଷିକ ସମ୍ମିଳନୀ

### ଶିଶୁ ଚିକିତ୍ସକ ଡା.ପ୍ରସନ୍ନ କୁମାର ସାହୁଙ୍କୁ ଏଫ୍‌ଆଇଏପି ପୁରସ୍କାର

**ଯାଜପୁର ଅଫିସ,୨୩।୩**



ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ଏଫ୍‌ଆଇଏପି ସମ୍ମାନ ପ୍ରଦାନ କରାଯାଉଛି।

ଭାରତୀୟ ଶିଶୁ ଚିକିତ୍ସକ ସଂସ୍ଥାନର ୫୯ତମ ବାର୍ଷିକ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଉତ୍ତର ପ୍ରଦେଶର ନୋଏଡା ସହରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମୁଖ୍ୟଅତିଥି ଓ ନୋଏଡାର ଏମ୍‌ପି ଡାକ୍ତର ମହେଶ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧିବେଶନରେ ସମ୍ମିଳିତ ଦେଶ ବିଦେଶର ୧୨ ହଜାର ଶିଶୁ ଚିକିତ୍ସକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲା ବ୍ୟାସନଗର ସହରର ବରିଷ୍ଠ ଶିଶୁ ଚିକିତ୍ସକ ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ଶିଶୁ ଚିକିତ୍ସା କ୍ଷେତ୍ରରେ ନୈପୁଣ୍ୟ ଓ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ଶିଶୁ ଚିକିତ୍ସକ ସଂସ୍ଥାନର ମର୍ଯ୍ୟାଦାଜନକ ଉପାଧି ଏଫ୍‌ଆଇଏପି (ଫେଲୋ ଅଫ୍ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ) ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଶିଶୁ ଚିକିତ୍ସକ ସଂସ୍ଥାନର ପ୍ରାକ୍ତନ ସଭାପତି ପ୍ରଫେସର ପୀୟୂଷ ଗୁପ୍ତା, ବର୍ତ୍ତମାନର ସଭାପତି ପ୍ରଫେସର ରମେଶ କୁମାର ଓ ନିର୍ବାଚିତ ସଭାପତି ଡାକ୍ତର ଉପେନ୍ଦ୍ର କିଞ୍ଜାଡେକର ସମ୍ମିଳିତ ଭାବେ ଏହି ଉପାଧି ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ଅର୍ପଣ କରିଥିଲେ। ୧୯୮୦ରୁ ଏହି ଉପାଧି ପ୍ରଦାନ କରାଯାଉଥିଲେ ମଧ୍ୟ ୨୦୨୦ ପର୍ଯ୍ୟନ୍ତ ୪୦ ବର୍ଷର ଅବଧିରେ ଓଡ଼ିଶାର ମାତ୍ର ୧୨ ଜଣ ଶିଶୁ ଚିକିତ୍ସକ ଉକ୍ତ ଉପାଧି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଡାକ୍ତର ସାହୁ ଓଡ଼ିଶାରୁ ତ୍ରୟୋଦଶତମ ଶିଶୁ ଚିକିତ୍ସକ ଭାବେ ଏହି ଉପାଧି ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡାକ୍ତର ସାହୁ ୨୦୦୩ରେ ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ଯାଜପୁର ଜିଲାର ସର୍ବଶ୍ରେଷ୍ଠ ଚିକିତ୍ସକ ରୂପେ ମହାତ୍ମା ଗାନ୍ଧୀ ସମ୍ମାନ ଓ ଉତ୍ତର ପୂର୍ବାଞ୍ଚଳର ୧୨ଟି ରାଜ୍ୟକୁ ନେଇ ଗଠିତ ଭାରତୀୟ ପୂର୍ବାଞ୍ଚଳ ଶିଶୁ ଚିକିତ୍ସକ ଏକାଡେମୀ ଦ୍ୱାରା ୨୦୧୭ରେ ପୂର୍ବାଞ୍ଚଳ ଶିଶୁ ବିଶେଷଜ୍ଞ ଶିରୋମଣି ସମ୍ମାନ ଲାଭ କରିଛନ୍ତି।

### ଆଜିଠାରୁ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟ

**ଧର୍ମଶାଳା,୨୩।୩(ଡି.ଏନ.ଏ.)**

ଧର୍ମଶାଳା ଫୁଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ୨୪ତମ ଡିଫାକପ୍ ଓ ଚତୁର୍ଥ ରଣଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାରଠାରୁ ବାଣିପୀଠ ଖେଳ ପଡ଼ିଆରେ ଶୁଭାରମ୍ଭ ହେବ। ଟୁର୍ନାମେଣ୍ଟକୁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିବେ। ଟୁର୍ନାମେଣ୍ଟରେ ରାଜ୍ୟସ୍ତରୀୟ ୮ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ୍ ୟୁନାଇଟେଡ କ୍ଲବ ଭଦ୍ରକ ଏବଂ ୱାଇଏଏଫସି ଚୌଦ୍ୱାର ମଧ୍ୟରେ ହେବ। ୨୫ ତାରିଖରେ ଅଲଟିମେଟ ଚାମ୍ପିୟନ କଟକ ସହିତ ନେତାଜୀ କ୍ଲବ କେନ୍ଦ୍ରାପଡ଼ା ଓ ୨୬ରେ ପ୍ରତାପ କ୍ଲବ ଭୁବନେଶ୍ୱର ଓ ଆୟୋଜକ ଡିଫା ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୨୭ରେ ସନସାଇନ କ୍ଲବ କଟକ ସହ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ମ୍ୟାଚ୍ ହେବ। ୨୮ରେ ପ୍ରଥମ ସେମିଫାଇନାଲ, ୨୯ରେ ଦ୍ୱିତୀୟ ସେମିଫାଇନାଲ ଓ ୩୦ ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି କ୍ଲବ ସଭାପତି ପ୍ରମୋଦ ଦାସ ଓ ସାଧାରଣ ସମ୍ପାଦକ ପ୍ରବୋଧ ପାତ୍ର ପ୍ରେସ ବିବୃତିରେ ଜଣାଇଛନ୍ତି।

## ଜଗତ୍‌ସିଂହପୁର ଜିଲାର ନିର୍ବାଚିତ ବ୍ଲକ ଉପାଧ୍ୟକ୍ଷା/ଉପାଧ୍ୟକ୍ଷ



ପିନାକୀ ପ୍ରିୟଦର୍ଶିନୀ
ବିରିଡ଼ି



ବିକାଶ ଚନ୍ଦ୍ର ପରିଡ଼ା
ଏରସମା



ରତିରଞ୍ଜନ ବେହେରା
ଜଗତ୍‌ସିଂହପୁର



ଜ୍ଞାନଜିତ୍ ସ୍ୱାଇଁ
କୁଜଙ୍ଗ



ପ୍ରିୟମ୍ବଦା ପଲାଉରି
ବାଲିକୁଦା



ଦେବାଶିଷ ତ୍ରିପାଠୀ
ରଘୁନାଥପୁର



ସୁଜିତ ପୁହାଣ
ନାଉଗାଁ



ସନ୍ଧ୍ୟାରାଣୀ ମହାନ୍ତି
ତିର୍ତ୍ତୋଲ

# ସରକାରୀ ମଦ ଦୋକାନ ପ୍ରତି ଅନୁକମ୍ପା

**ବରୀ,୨୩।୩(ଡି.ଏନ.ଏ.)**

ସ୍ୱାଧୀନତା ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀ ବରୀକୁ ହରିଜନ ପଦଯାତ୍ରାରେ ଆସିଥିଲେ। ସେ ଯେଉଁ ରାସ୍ତା ଦେଇ ଯାଇଥିଲେ ସେହି ରାସ୍ତାକୁ ଗାନ୍ଧୀ ମାର୍ଗରେ ନାମିତ କରିବାକୁ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସୁଛନ୍ତି। ମାତ୍ର ସରକାର ଏହି ଦାବିକୁ ଗୁରୁତ୍ୱ ନ ଦେଇ ଗାନ୍ଧୀଙ୍କ ପଦଯାତ୍ରା ରାସ୍ତାର ବରୀ–କଳାମାଟିଆ ଚତରଠାରେ ଏକ ସରକାରୀ ଠିପି ଖୋଲା ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ଗାନ୍ଧୀଙ୍କ ନିଶାମୁକ୍ତି ଅଭିଯାନକୁ ସତେ ଯେମିତି ଉପହାସ କରୁଛି ବୋଲି ସେହି ଅଞ୍ଚଳରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପୂର୍ବ ବିଭାଗ ରାସ୍ତାର ଚତରଠାରେ ଏକ ଖୋଲା ଠିପି ମଦ ଦୋକାନ ଅଛି। ସେଠାରେ ନକଲି ମଦ ବିକ୍ରି, ଚୋରା ମଦ ଚାଲାଣ ଓ ସରକାରୀ ଛୁଟି ଦିବସରେ ଅବକାରୀ ଓ ପୋଲିସ ବିଭାଗକୁ ଖୋଲା ଚ୍ୟାଲେଞ୍ଜ କରି ମଦ ବିକ୍ରି କରାଯାଉଛି। ଗତ ୨୨।୦୧।୨୦୨୨ରେ ସେହି ମଦ ଦୋକାନକୁ ଲାଗି ରହିଥିବା ଏକ ଚାଳଘରୁ ଅବକାରୀ ବିଭାଗ ନକଲି ମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉକ୍ତ ମଦ ଦୋକାନକୁ ସିଲ୍ କରାଯାଇଥିଲା। ମାତ୍ର ଅବକାରୀ ବିଭାଗ ଉକ୍ତ ମଦ ଦୋକାନ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ପୁନଶ୍ଚ ମଦ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦେବା ଘଟଣା ଉଭୟ ମଦ ଦୋକାନୀ ଓ ଅବକାରୀ ବିଭାଗ ମଧ୍ୟରେ ଥିବା ଅସାଧୁ ମେଣ୍ଟକୁ ସ୍ପଷ୍ଟ କରିଛି। ଉକ୍ତ ମଦ ଦୋକାନରୁ ବରୀ ଅଞ୍ଚଳର ରାଜାତୋଟା, ଅଲିପୁର, କାଇପଡ଼ା, ବରୀ, ଶେରପୁର ଆଦି ଅଞ୍ଚଳକୁ ଜଣେ କର୍ମଚାରୀ ବାଇକ୍ ଯୋଗେ ମଦ ଯୋଗାଣ କରୁଥିଲେ। ବରୀ ପୋଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନଜିର ରହିଛି। ସମ୍ପୃକ୍ତ ମଦ ଦୋକାନୀ ଏକ ରାଜନୈତିକ ଦଳର ସମର୍ଥକ ହୋଇଥିବାରୁ ବରୀ–କଳାମାଟିଆ ରାସ୍ତାର ବାମପାର୍ଶ୍ୱରେ ସରକାରୀ ଜମିରେ ବେଆଇନ ଭାବେ ପାଚେରି ନିର୍ମାଣ କରିଛନ୍ତି। ହେଲେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ରାସ୍ତା ଅବରୋଧ କରିବା ସହ ବରୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଦ୍ୟାବଧି ରାସ୍ତା ଅବରୋଧ ହଟି ନ ଥିବା ବେଳେ ମଦଦୋକାନୀଙ୍କ ମନମାନୀ ଆଗରେ ପ୍ରଶାସନ ହାତ ଟେକି ଦେଇଛି ବୋଲି ଅଭିଯୋଗ ହୋଇଛି।

### ଭୋଟକା ପଞ୍ଚାୟତର ପ୍ରଥମ ବୈଠକ

**ରସୁଲପୁର,୨୩।୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ପ୍ରଥମ ସାଧାରଣ ପରିଷଦ ବୈଠକ ବୁଧବାର ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୫ଟି ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୱାର୍ଡ ସଭ୍ୟାସଭ୍ୟଙ୍କଠାରୁ ପ୍ରକଳ୍ପ ଆହ୍ୱାନ କରାଯିବା ସହ ସେଗୁଡ଼ିକୁ ପଞ୍ଚାୟତ ବୈଠକ ଖସଡ଼ାରେ ସ୍ଥାନ ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ଜୟନ୍ତି ଦାଶ, ବିଡିଓ ଉମାକାନ୍ତ ପରିଡ଼ା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ସିଡିପିଓ ଝରଣା ଶତପଥୀ, ସମିତିସଭ୍ୟ ରଞ୍ଜିତ ସାହୁ, ନାଏବ ସରପଞ୍ଚ କେଦାର ଦେଓ, ଯୁବନେତା ମନୋଜ ରାଉତ, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ଶ୍ୟାମସୁନ୍ଦର ସାହୁ, ଦିଲୀପ କୁମାର ସାହୁ, ଚୈତନ୍ୟ ବାରିକ, ନୃସିଂହ ମଲିକ, ନିରଞ୍ଜନ ସାହୁ, ସଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ସମସ୍ୟା ସମାଧାନ ପାଇଁ ୭ଟି ସ୍ଥାୟୀ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। କମିଟିରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ସ୍ଥାନ ଦିଆଯିବା ସହ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଚାଷୀ, ସ୍ୱାବଲମ୍ବି ମହିଳା, ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଅଭିଜ୍ଞ ବ୍ୟକ୍ତିମଙ୍କୁ ମନୋନୀତ କରାଯାଇଛି। ଖରାଦିନରେ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର କରିବା ଉପରେ ବୈଠକର ସ୍ଥାନ ଦିଆଯାଇଛି। ଏଥିସହ ପଞ୍ଚାୟତ ପକ୍ଷରୁ ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଉତ ଓ ଉପାଧ୍ୟକ୍ଷା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗ୍ରାମ୍ୟ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡେଇ ଧନ୍ୟବାଦ ଦେଇଥିଲେ।

## ଯାଜପୁର ଜିଲାର ନିର୍ବାଚିତ ବ୍ଲକ ଉପାଧ୍ୟକ୍ଷା/ଉପାଧ୍ୟକ୍ଷ



ଅର୍ଚ୍ଚନା ମଲ୍ଲିକ
ବରୀ



କମଳ କୁମାର ମଲ୍ଲିକ
ଯାଜପୁର



ଶେଖ୍ ଇର୍ଷାଦ
ବିଞ୍ଝାରପୁର



ଭାଗ୍ୟଲକ୍ଷ୍ମୀ ରାଉତ
ସୁକିନ୍ଦା



ବିଭାସ ଚନ୍ଦ୍ର ନନ୍ଦ
ବଡ଼ଚଣା



ଅଜୟ କୁମାର ବିନ୍ଧାଣୀ
ଦାନଗଦି



ଝିଲ୍ଲି ମଲ୍ଲିକ
ଦଶରଥପୁର



ବିଶ୍ୱ ବିଜୟିନୀ ମିଶ୍ର
ଧର୍ମଶାଳା



ପ୍ରଫୁଲ୍ଲ କୁମାର ଦାଶ
କୋରେଇ



ଜୟନ୍ତୀ ଦାସ
ରସୁଲପୁର

# ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଦିବସକୁ ସ୍ମରଣ

**ଯାଜପୁର ଅଫିସ,୨୩।୩**



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଦିବସକୁ ସ୍ମରଣ ଲାଗି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ଡ. ଶରତଚନ୍ଦ୍ର ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡେପୁଟି କଲେକ୍ଟର ଅସ୍ମିତା ଦାଶ, ସହାୟକ ଜିଲାପାଳ ତିଳୋତ୍ତମା ପୃଷ୍ଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସଂସ୍ଥା ଅଧିକାରୀ ଅଲେଖ ମହାରଣା, ଗଣମାଧ୍ୟମ ପ୍ରତିନିଧି ସନ୍ଦୀପ୍ତ ରାୟ, ଆଦିତ୍ୟ ମେକାପ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ସହକାରୀ ଜିଲାପାଳ ତରଣୀସେନ ପଟ୍ଟନାୟକ, ଉମେଶଚନ୍ଦ୍ର ଲେଙ୍କା, ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିଲେ। ଏହି ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଜିଲା ସଂସ୍କୃତି ବିଭାଗ ଓ ପତଞ୍ଜଳି ଯୋଗ ଶିବିର ପକ୍ଷରୁ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସେଠୀ, ବରିଷ୍ଠ ଖବରଦାତା ଆନନ୍ଦଚନ୍ଦ୍ର ସାହୁ, ସାମାଜିକ କର୍ମୀ ନିଶିଥ ଦାସ, ଯୋଗ ଗୁରୁ ଗୋପୀନାଥ ସେଠୀ, ସରୋଜ କୁମାର ଜେନା, ପରମାନନ୍ଦ ତ୍ରିପାଠୀ, ସତ୍ୟବ୍ରତ ମହାନ୍ତି, ହୃଷୀକେଶ ନାଥ, ଦେବେନ୍ଦ୍ର ସେଠୀ, ଶ୍ରୀନିବାସ ସାହୁ ଓ ସୁଶାନ୍ତ କୁମାର ଗୋଚ୍ଛାୟତ, ପର୍ଯ୍ୟଟନ ବିଭାଗର ଅମର ଜେନା ପ୍ରମୁଖ ଯୋଗ ଦେଇଥିଲେ।

### ନୂଆପଦା ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ

**ପାଣିକୋଇଲି,୨୩।୩(ଡି.ଏନ.ଏ.):** କୋରେଇ ବ୍ଲକ କୋଅର୍ଡିନେଟର ବିସ୍ମିତା ଜେନାଙ୍କ ସହଯୋଗରେ ନୂଆପଦା ସରକାରୀ ଉପ୍ରା ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ରଙ୍ଗୋଲି, ଚିତ୍ରାଙ୍କନ, ନୃତ୍ୟ ଓ ଅଭିନୟ ପରିବେଷଣ କରି ଜଳର ଉପଦେୟତା ଉପରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ଏକ ସଭା ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଡିଓ ରଞ୍ଜନ କୁମାର ପରିଡ଼ା ଓ ସମ୍ମାନିତ ଅତିଥିଭାବେ ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡା, ବିଆରସି ଚନ୍ଦନ ଦାସ, ଏମ୍‌ଆଇ ହେମନ୍ତ ଦାସ, ୟୁନିସେଫ ଜିଲା କୋଅର୍ଡିନେଟର କୁମୁଦ ଚନ୍ଦ୍ର ଶତପଥୀ ଯୋଗଦାନ କରି ଜଳର ସଂରକ୍ଷଣ ଓ ଉପଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଫାଣ୍ଡି ଗେଟ୍ ପାଖରେ ବରିଷ୍ଠ ନାଗରିକଙ୍କୁ ଧମକ

**ତିର୍ତ୍ତୋଲ,୨୩।୩(ଡି.ଏନ.ଏ.):** କନକପୁର ଫାଣ୍ଡିରୁ ଏକ ଅଭିଯୋଗ ସମ୍ପର୍କରେ ଅଧିକାରୀଙ୍କ ସହ କଥା ହୋଇ ଫେରୁଥିବାବେଳେ ଗେଟ୍ ପାଖରେ ଜଣେ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କୁ ଧମକ ଦିଆଯାଇଛି। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୋବିନ୍ଦପୁର ପଞ୍ଚାୟତ ଅରଡଙ୍ଗ ଗାଁର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଅଲେଖ ଚନ୍ଦ୍ର ସାହୁଙ୍କୁ ଉକ୍ତ ପଞ୍ଚାୟତର ଜଣେ ଯୁବକ ମାରିବାକୁ ଉଦ୍ୟତ ହେବା ସହ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୯୫/୨୨ରେ ମାମଲା ରୁଜୁ କରି ଘଟଣାର ଅନୁଧାନ କରୁଛି। ପୂର୍ବ ବିବାଦ କାରଣରୁ ଏହି ଘଟଣା ଘଟିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏଥିରେ ସେ ଗଭୀର ଭାବେ ମାନସିକ ସ୍ତରରେ ଆଘାତ ପାଇବା ସହ ତାଙ୍କ ଜୀବନ ପ୍ରତି ଭୟ ଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି।

### ଛାତ୍ରୀଛାତ୍ର କୋର୍ବେଭାକ୍ସ ଟିକା ନେଲେ

**ରାଜନଗର,୨୩।୩(ଡି.ଏନ.ଏ.):** ରାଜନଗର ବ୍ଲକରେ ଗତ ୩ଦିନ ହେଲା ୧୨ରୁ ୧୪ ବର୍ଷର ପିଲାମାନଙ୍କୁ କୋର୍ବେଭାକ୍ସ ଟିକା ଦିଆଯାଉଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ୧୦ଟି ଟିମ୍ ଗଠନ କରାଯାଇ ପିଲାମାନଙ୍କୁ ଏହି ଟିକା ଦିଆଯାଉଛି। ରାଜନଗର ବ୍ଲକରେ ପ୍ରାୟ ୯ହଜାର କିଶୋରୀ କିଶୋରଙ୍କୁ ଏହି ଟିକା ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗତ ୩ଦିନ ମଧ୍ୟରେ ୨୬୦୫ ଜଣଙ୍କୁ ଏହି ଟିକା ଦିଆଯାଇଛି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ୧୨ରୁ ୧୪ ବର୍ଷର ଛାତ୍ରୀଛାତ୍ରଙ୍କୁ ଏହି ଟିକା ଦେଉଛନ୍ତି। ମାର୍ଚ୍ଚ ସୁଦ୍ଧା ପ୍ରଥମ ଡୋଜ ଓ ଏପ୍ରିଲ ସୁଦ୍ଧା ୨ୟ ଡୋଜ ଟିକାକରଣ ଶେଷ କରିବାକୁ ରାଜନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହି ବୟସର ସମସ୍ତ ଛାତ୍ରୀଛାତ୍ର ଓ କିଶୋରୀ କିଶୋର ଯେପରି ଏହି ଟିକା ନେବେ ସେ ନେଇ ଅଭିଭାବକ ଓ ଶିକ୍ଷକମାନେ ସହଯୋଗ କରିବାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ଅନୁରୋଧ କରିଛନ୍ତି।

### କଲେଜରେ ଶହୀଦ ଦିବସ

**ପାରାଦୀପ,୨୩।୩(ସ୍ୱ.ପ୍ର.):** ପାରାଦୀପ କଲେଜ ପରିସରରେ ଏନ୍‌ସିସି ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି କ୍ୟାଡେଟ୍ ଓ ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ, ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷା ସସ୍ମିତା ଶତପଥୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର ସଞ୍ଚାଳନ କରିଥିଲେ।

### ଇଫ୍‌କୋକୁ ବେଷ୍ଟ ଉତ୍ପାଦନକାରୀ ସଂସ୍ଥା ଆୱାର୍ଡ

**ପାରାଦୀପ,୨୩।୩(ସ୍ୱ.ପ୍ର.):** ପାରାଦୀପର ଇଫ୍‌କୋ କାରଖାନାକୁ ବୁଧବାର ବେଷ୍ଟ ପ୍ରଡକ୍ଟିଭିଟି ଏକ୍ସେଲେନ୍ସି ଆୱାର୍ଡ ୨୦୨୧ ମିଳିଛି। ଭୁବନେଶ୍ୱରଠାରେ ଓଡ଼ିଶା ପ୍ରଡକ୍ଟିଭିଟି କାଉନସିଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡାଇରେକ୍ଟର ରାଜୀବ କୁମାରଙ୍କଠାରୁ କମ୍ପାନୀ ମୁଖ୍ୟ କେ. ଜେ. ପଟେଲ ଆୱାର୍ଡ ଗ୍ରହଣ କରିଥିଲେ। କରୋନା କଟକଣା ସମୟରେ କମ୍ପାନୀ ନିରବଚ୍ଛିନ୍ନ ଭାବେ ଉତ୍ପାଦନ ଜାରି ରଖି ଥିବାରୁ ଏହି ପୁରସ୍କାର ମିଳିଥିଲା।

# ୪୦ ୱାର୍ଡର ୭୯ ବୁଥ୍‌ରେ ଭୋଟ ଆଜି

**ଜଗତ୍‌ସିଂହପୁର ଅଫିସ, ୨୩।୩**

ଗୁରୁବାର ପୌର ନିର୍ବାଚନ ହେବ। ଏ ନେଇ ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ଅଞ୍ଚଳରେ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ବୁଧବାର ପୋଲିଂ କର୍ମଚାରୀମାନେ ଇଭିଏମ୍ ମେଶିନ ସହ ସମସ୍ତ ନିର୍ବାଚନ ସଂକ୍ରାନ୍ତୀୟ ସାମଗ୍ରୀ ବିତରଣ କେନ୍ଦ୍ରଗୁଡିକରୁ ନେଇ ବୁଥ୍‌ରେ ପହଞ୍ଚିଛନ୍ତି। ଏହା ଭିତରେ ୨ ପୌରାଞ୍ଚଳରେ ସେଭଳି ବଡ ଧରଣର ହିଂସା ହୋଇ ନ ଥିଲେ ସୁଦ୍ଧା ନିର୍ବାଚନ ପରେ କିଭଳି ପରିସ୍ଥିତି ରହୁଛି ତାହା ଦେଖିବାର ଅଛି। କିନ୍ତୁ ହିଂସା ରୋକିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ପୌର ପରିଷଦର ୨୧ଟି ୱାର୍ଡ ନିମନ୍ତେ ୧୯ଟି ସ୍ଥାନରେ ୩୩ଟି ବୁଥ୍ କରାଯାଇଛି। ୨୫,୫୧୭ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିପାରିବେ। ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବିତରଣ କେନ୍ଦ୍ର କରାଯାଇଥିଲା। ପୋଲିଂ ଦଳ ଇଭିଏମ୍ ଓ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ସୁରକ୍ଷିତ ଭାବେ ବୁଥ୍‌ଗୁଡିକରେ ପହଞ୍ଚିଛନ୍ତି। ନିର୍ବାଚନ ଶୃଙ୍ଖଳିତ ଭାବେ କରିବାକୁ ପୋଲିଂ ଦଳ ସହ ପୋଲିସ କର୍ମଚାରୀଙ୍କୁ ମିଶାଇ ୧୬୫ ଜଣ ନିୟୋଜିତ ହୋଇଛନ୍ତି। ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ରଘୁନାଥପୁର ବିଡିଓ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉପସ୍ଥିତ ରହି ପୋଲିଂ ଅଧିକାରୀଙ୍କୁ ବୁଥ୍‌ରେ ପହଞ୍ଚାଇବାରେ ସହଯୋଗ କରିଥିଲେ। କଣ୍ଟାବଲ୍ଲଭପୁର, ଟାଉନହଲ୍ ପରିସରରେ ୩ଟି ଆଦର୍ଶ ବୁଥ୍ ଏବଂ ସିପି ଗ୍ରାମ ବିଦ୍ୟାଳୟରେ ଗୋଟିଏ ପିଙ୍କ ବୁଥ୍ କରାଯାଇଛି। ଏହାବାଦ୍ ୩ଟି ମହିଳା ବୁଥ୍‌ରେ ମହିଳା ପୋଲିଂ ଅଧିକାରୀମାନେ ନିୟୋଜିତ ହୋଇଛନ୍ତି। ଗୋଟିଏ ପୋଲିସ ମୋବାଇଲ ଦଳ ଆଇନ ଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି। ସେହିପରି ପାରାଦୀପ ପୌର ପରିଷଦର ୧୯ଟି ୱାର୍ଡର ୪୬ଟି ବୁଥ୍‌ରେ ୪୨,୧୧୬ ଜଣ ଭୋଟର ମତଦାନ କରିପାରିବେ। ଏ ନେଇ ୨୫୫ଜଣ ପୋଲିଂ କର୍ମଚାରୀ ପାରାଦୀପ ମଧୁବନ ମ୍ୟୁନିସିପାଲଟି ହାଇସ୍କୁଲ ପରିସର ବିତରଣ କେନ୍ଦ୍ରରୁ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବିଭିନ୍ନ ବୁଥ୍‌ରେ ପହଞ୍ଚିଛନ୍ତି। ପାରାଦୀପରେ ୭ ଅତି ସମ୍ବେଦନଶୀଳ, ୩ଟି ପିଙ୍କ, ୩ଟି ଆଦର୍ଶ ବୁଥ୍ କରାଯାଇଛି। ସେହିପରି ଆଇନ ଶୃଙ୍ଖଳା ରକ୍ଷା କରିବାକୁ ୪ ପ୍ଲାଟୁନ ଫୋର୍ସ, ୨୨ ଜଣ ଅଫିସର, ୬ ମୋବାଇଲ ଭ୍ୟାନ ଏବଂ ୬ଟି ସେକ୍ଟର ଅଫିସ କରାଯାଇଛି। ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ମତଦାନ ସମୟ ରହିଛି। ପାରାଦୀପ ପୌର ପରିଷଦ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ବିତରଣ କେନ୍ଦ୍ରରେ ଉପସ୍ଥିତ ରହି ବୁଝାବୁଝି କରିଥିଲେ। ଜିଲାପାଳ ପାରୁଲ ପଟାୱରୀ, ସାଧାରଣ ପର୍ଯ୍ୟବେକ୍ଷକ ମଧୁସୂଦନ ମିଶ୍ର ପାରାଦୀପ ଓ ଜଗତ୍‌ସିଂହପୁର ବତରଣ କେନ୍ଦ୍ର ପରିଦର୍ଶନ କରି ନିର୍ବାଚନ କାର୍ଯ୍ୟ ତଦାରଖ କରିଛନ୍ତି।





ପାରାଦୀପ ମଧୁବନ ମ୍ୟୁନିସିପାଲିଟି ହାଇସ୍କୁଲରେ ପୋଲିଂ ପାର୍ଟି ବୁଥ୍‌କୁ ଯିବା ପୂର୍ବରୁ ସାମଗ୍ରୀଙ୍କୁ ସଜାଡୁଛନ୍ତି। ଜିଲାପାଳ ଏସଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ତଦାରଖ କରୁଛନ୍ତି।

**ଜଗତ୍‌ସିଂହପୁର, ପାରାଦୀପ ପୌର ନିର୍ବାଚନ**

- ୬୭,୬୩୩ ଜଣ ଭୋଟରଙ୍କ ମତଦାନ ସୁଯୋଗ
- ୭ ଅତି ସମ୍ବେଦନଶୀଳ, ୬ ଆଦର୍ଶ, ୪ ପିଙ୍କ୍, ୩ ମହିଳା ବୁଥ୍

# କେନ୍ଦ୍ରାପଡ଼ା ସହରରେ ପଞ୍ଚଦୋଳ, ରଙ୍ଗଖେଳ

**କେନ୍ଦ୍ରାପଡା ଅଫିସ, ୨୩।୩**

କଟକଣା ମଧ୍ୟରେ କେନ୍ଦ୍ରାପଡ଼ା ସହରର ପଞ୍ଚୁଦୋଳ ଓ ରଙ୍ଗ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁଦୋଳ ମେଳଣ ପାଇଁ ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମଙ୍ଗଳବାର ରାତିରୁ ଶ୍ରୀଜୀଉଙ୍କ ମେଳଣ ଆରମ୍ଭ ହୋଇଥିଲା। ଏଥିରେ ଗରାପୁରସ୍ଥ ରଘୁନାଥଜୀଉ ଥାନପତି ଭାବେ ପୂଜା ପାଇଥିଲେ। ପାହାଡପୁର ମଠ, ଚାଟରାପାଟଣାର ଶ୍ରୀଗୋବିନ୍ଦଜୀଉ, ଗଣାମାହାଲର ଶ୍ରୀବିନୋଦବିହାରୀ, କୁଶିଆପାଳର ଶ୍ରୀଲଛମନଜୀଉ, ଠାକୁରହାଟ ଚୁଲିସାହି, ବାସୁଳେଇ ବୁଢ଼ା ଗୋସେଇଁ, ମାରୱାଡି ପଟି ଲକ୍ଷ୍ମୀନାରାୟଣ, ଜୟପୁରାର ରାଧାକୃଷ୍ଣଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ବୁଧବାର ପ୍ରତ୍ୟୁଷରୁ ଭୋଗ ଲାଗି ପରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ଛାମୁ ମେଳଣ ପଡିଆକୁ ଯାତ୍ରା କରିଥିଲେ। ଏହାକୁ ମେଳଣ କମିଟିର ଭୀମସେନ ବେହେରା, ଭକ୍ତପ୍ରସାଦ ସାହୁ, ଉପେନ୍ଦ୍ର ବେହେରା, ସଚ୍ଚିକାନ୍ତ ବେହେରା, ରବୀନ୍ଦ୍ର ମହାପାତ୍ର, ସନାତନ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ। ଏହି ମେଳଣ ଆରମ୍ଭରୁ ସହରରେ ରଙ୍ଗ ଓ ଫଗୁ ହୋଲି ଉତ୍ସବ ଆରମ୍ଭ ହୋଇଥିଲା। ସହରରେ ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ କଟକଣା ଜାରି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।



ଶ୍ରୀବଳଦେବଜୀଉଙ୍କ ପଞ୍ଚଦୋଳ ଅବସରରେ ସ୍ୱତନ୍ତ୍ର ବେଶ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବିରିଡି, ୨୩।୩(ଡି.ଏନ.ଏ.)**

ବିରିଡି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ହାଜିପୁରସ୍ଥିତ ଧାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ବିଡିଓ ହେମନ୍ତ କୁମାର ମହାନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହବ ଖାଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନ୍‌ଲାଇନ ପୋର୍ଟାଲରେ ଦରଖାସ୍ତ କରିଥିବା ବ୍ଲକର ମୋଟ ୩୦୫ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଇଥିଲା। ଏଥିରେ ଅସ୍ଥିଶଲ୍ୟ ବିଭାଗର ଡା. ଏସ.ପି. ଶ୍ରଭଣ, ଚକ୍ଷୁ ବିଭାଗର ଡା. ଅଶୋକ ମିଶ୍ର, ନାସା, କର୍ଣ୍ଣ ଓ ଗଳା ବିଭାଗର ଡା. ସନ୍ତୋଷ କୁମାର ପତି, ଭେଷଜ ବିଭାଗର ଡା. ଶ୍ରୀହର୍ଷ ଦାସ, ସ୍ନାୟୁ ବିଭାଗର ଡା. ପୀତାମ୍ବର ବେଉରିଆ, ମାନସିକ ଅନଗ୍ରସର ବିଭାଗର ଡା. ସମୀକ୍ଷା ଦାସ ଯୋଗଦେଇ ରୋଗୀଙ୍କୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ବିଶ୍ୱଜିତ ବିଶ୍ୱାଳ, ଜିଲାର ସ୍ୱାଗତ ରଞ୍ଜନ ଦାସ, ବ୍ଲକର ସସ୍ମିତା ଓଝା, ଜିପିଇଓ ପାୟଲ ମହାପାତ୍ର, ସିଡିପିଓ ଗୌରୀ ଦେଇ, ମିଶନ ଶକ୍ତିର ବିଜୟ କୁମାର ରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିପିଏଲ୍‌ରେ ବିଶ୍ୱ ଜଳ ଦିବସ

**ପାରାଦୀପ,୨୩।୩(ସ୍ୱ.ପ୍ର.)**

ପାରାଦୀପ ଫସଫେଟସ ଲିମିଟେଡ଼ (ପିପିଏଲ) ପକ୍ଷରୁ ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସ୍ଥାନୀୟ ପିପିଏଲ ଟାଉନ ସିପ୍ ପରିସରରେ ଥିବା ଡିଏଭି ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ ମୁଖ୍ୟ ପ୍ରଣବ ଭଟାଚାର୍ଯ୍ୟ, ଯୁଗ୍ମ ପରିଚାଳକ ଅନିଲ ବର୍ମା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ଭୂତଳ ଜଳସ୍ତର ହ୍ରାସ ପାଉଛି। ଭବିଷ୍ୟତ ବଂଶଧରଙ୍କ ପାଇଁ ଜଳ ସଂରକ୍ଷଣ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।



ପିପିଏଲ୍ ପରିସରରେ ବିଶ୍ୱ ଜଳ ଦିବସ ପାଳନ କରାଯିବା ଅବସରରେ ପିଲା ଓ ଅନ୍ୟମାନେ।

# ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ:୧୫ ସମ୍ବେଦନଶୀଳ ବୁଥ୍

**ପଟ୍ଟାମୁଣ୍ଡାଇ, ୨୩।୩(ସ୍ୱ.ପ୍ର.)**

**୩୪ ବୁଥ୍‌ରେ ୨୯,୮୫୭ ଭୋଟର ଭୋଟ ଦେବେ**

ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡାନ୍ତ ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ ନିର୍ବାଚନକୁ ନେଇ ପ୍ରଶାସନିକ ପ୍ରସ୍ତୁତି ଓ ଆଇନ ଶୃଙ୍ଖଳା ସ୍ଥିତି ଉପରେ କଡା ନଜର ରଖିଛନ୍ତି। ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ୩୪ଟି ବୁଥ୍ କରାଯାଇଛି। ଏଥିରୁ ୧୫ଟି ସମ୍ବେଦନଶୀଳ ବୁଥ୍ ରହିଛି। ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଲିକଙ୍କୁ ଅବସ୍ଥାପିତ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଅବସ୍ଥାପିତ ହୋଇଛନ୍ତି। ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବାକୁ ୩୪ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଯୁକ୍ତି ହୋଇଛନ୍ତି। ନିର୍ବାଚନ ବେଳେ ଗଣ୍ଡଗୋଳ, ନିଶା କାରବାରକୁ ରୋକିବାକୁ ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ସନ୍ଧ୍ୟାରାଣୀ ବେଉରିଆ, ଜ୍ୟୋତିରଞ୍ଜନ ମିଶ୍ର ୨ ଜଣ ଡିଏସ୍‌ପି, ଆଇଆଇସି ତପନ କୁମାର ରାଉତଙ୍କ ସମେତ ୮ ଜଣ ଆଇଆଇସି, ୨୨ଜଣ ଏଏସ୍‌ଆଇ, ୧୮୮ଜଣ ପୋଲିସଙ୍କୁ ନିୟୋଜିତ କରାଯାଇଛି। ୪ଟି ପାଟ୍ରୋଲିଂ ଭ୍ୟାନ ନିର୍ବାଚନ କାର୍ଯ୍ୟରେ ରହିଛନ୍ତି। ପାଲିସ ପକ୍ଷରୁ ବୁଧବାର ପଟ୍ଟାମୁଣ୍ଡାଇ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ମହିଳାମାନଙ୍କ ପାଇଁ ବକ୍ତାରପୁର ହାଇସ୍କୁଲ ଓ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ସ୍ୱତନ୍ତ୍ର ବୁଥ୍‌ର ବ୍ୟବସ୍ଥା କରାଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାଚନ ପାଇଁ ୨୯,୮୫୭ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ ବୋଲି ଜଣାପଡିଛି।

# ବିଜେଡିରୁ ୫ କର୍ମୀ ନିଲମ୍ବିତ

**ପାରାଦୀପ,୨୩।୩(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୧୯ଟି ଯାକ ୱାର୍ଡରେ ଉତ୍ତେଜନାପୂର୍ଣ୍ଣ ପରିବେଶ ରହିଛି। କାରଣ ପ୍ରତ୍ୟେକ ୱାର୍ଡର ପ୍ରାର୍ଥୀ ମୁହାଁମୁହିଁ ହେଲେଣି। ୨ ଟି ୱାର୍ଡରେ ଚତୁଃମୁଖି, ୮ଟିରେ ଦୁଇମୁଖି ଓ ୯ ୱାର୍ଡରେ ତ୍ରୀମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଥର ବିଜେଡି ଭାଜପା ସବୁ ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ମାତ୍ର ଗୋଟିଏ ୱାର୍ଡରେ ପ୍ରାର୍ଥୀ ଦେଇଛି। ଅବଶିଷ୍ଟ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ଓ ଭାଜପାର ଏକାଧିକ ବିଦ୍ରୋହୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେଥିପାଇଁ ବିଜେଡି ବୁଧବାର ୫ ଜଣ କର୍ମୀଙ୍କୁ ନିଲମ୍ବନ କରିଛି। ନଗର ସଭାପତି ବସନ୍ତ ବିଶ୍ୱାଳ ନିଲମ୍ବନ କରିଥିବା କର୍ମୀ ହେଲେ ୩ ନଂ. ୱାର୍ଡର ଲୋଭା ବେହେରା, ୧୪ ନଂ. ୱାର୍ଡର ସନ୍ତୋଷ ବିଶ୍ୱାଳ, ୧୮ ନଂ. ୱାର୍ଡ କାମ୍ବଲା ଜଗନ୍ନାଥ ରାଓ, ୧୯ ନଂ. ୱାର୍ଡର ସୁଜିତ ପରିଡା, ୧୫ ନଂ.ୱାର୍ଡର ଗୋଲେକ ସାହୁ। ନିଲମ୍ବିତ କର୍ମୀ ଗୋଲେକ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ କୁହନ୍ତି, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ବିଜେଡି ନିଲମ୍ବନ କରିବା ପରେ ସେ ଏବେ ବିଧାୟକଙ୍କ ସହ ବିଭିନ୍ନ ୱାର୍ଡରେ ପ୍ରଚାର କରୁଛନ୍ତି। କିନ୍ତୁ ଆମକୁ ନିଲମ୍ବନ କରାଯାଉଛି।

# ଶହୀଦ ଦିବସ ପାଳନ

**ରାଜନଗର, ୨୩।୩(ଡି.ଏନ.ଏ.)**

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଶହୀଦ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧାପକ ଡ. ବିକ୍ରମାଦିତ୍ୟ ଦାଶ ଯୋଗଦେଇ ଶହୀଦମାନଙ୍କ ଦେଶପ୍ରେମ ତଥା ଦେଶ ପାଇଁ ଆତ୍ମ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅଧାପକ ଡ. ଘନଶ୍ୟାମ ମିଶ୍ର, ନିହାର ରଞ୍ଜନ ପରିଡା, ଏନ୍‌କେଏନ୍‌କେ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ବୀରକିଶୋର ଓଝା, ଅଧାପକ ପବିତ୍ର କଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ତନୁଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟ କମିଟି ପ୍ରଶିକ୍ଷଣ ଶିବିର

**ରାଜନଗର, ୨୩।୩(ଡି.ଏନ.ଏ.)**

ରାଜନଗର ବ୍ଲକ ପଞ୍ଚୁବରାହୀ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅନ୍ତର୍ଗତ ରାଜଗଡ ୟୁଜିୟୁପି ସ୍କୁଲ ପରିଚାଳନା କମିଟି ସଦସ୍ୟାସଦସ୍ୟ, ଅଙ୍ଗନୱାଡି ଏବଂ ଆଶା କର୍ମୀମାନଙ୍କର ଏକ ସହଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ସିଆରସିସି ମହେଶ୍ୱର ସାହୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସିଆରସିସି ବୈକୁଣ୍ଠ ବିହାରୀ ରାଉତ, ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ବୈକୁଣ୍ଠ ବିହାରୀ ବିଶ୍ୱାଳ ଶିବିରରେ ଯୋଗଦେଇ ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରାଭିଭାବକମାନଙ୍କ ମିଳିତ ସହଯୋଗରେ ହିଁ ପିଲାମାନଙ୍କର ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ୩ ଦିନ ଧରି ଚାଲିଥିବା ଶିବିରରେ ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ସାହୁ, ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ ତାଲିମ ପ୍ରଦାନ କରିଥିଲେ। ଆର୍ତ୍ତବନ୍ଧୁ ମଲ୍ଲିକ, ବଳରାମ ଦାସ, କୈଳାସ ଚନ୍ଦ୍ର ରାଉତ ଓ ଅତସୀ ରାଉତ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ତାଲିମ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ବିକ୍ରମ କୁମାର ରାଉତ, ସୁନୀତା ରାଉତ, ମମତା ରାଉତ, ତନୁପମା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# କବି ମନୋଜଙ୍କୁ ବାଣୀପୁତ୍ର ସମ୍ମାନ

**କେନ୍ଦ୍ରାପଡ଼ା ଅଫିସ, ୨୩।୩**

କେନ୍ଦ୍ରାପଡ଼ା ବ୍ଲକ ଆଳିଜଙ୍ଗା ଗ୍ରାମର କବି ମନୋଜ କୁମାର ଦାସଙ୍କୁ ରାଜ୍ୟସ୍ତରୀୟ କବି ଲେଖକ କଳାକାର ସମାବେଶରେ ବାଣୀପୁତ୍ର ସମ୍ମାନ ମିଳିଛି। କଟକର ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ ରାଉରକେଲାର ଅଗ୍ନିସ୍ଫୁଲିଙ୍ଗ ଓ କଟକର ଓଡ଼ିଶା ପୂଜ୍ୟପୂଜା ପରିଷଦର ମିଳିତ ଆୟୋଜନାରେ ୪୫ ତମ ସମାବେଶରେ କବି ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କଟକର ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ରାଣୀ ମନୋଜା ମଞ୍ଜରୀ ଦେବୀ, ଡ. ପ୍ରସନ୍ନ ପାଟଶାଣୀ, ଡ. ହୁସେନ ରବି ଗାନ୍ଧୀ, ଗୋପୀନାଥ ପଟ୍ଟନାୟକ, ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାବେଶକୁ ଦିଲୀପ କୁମାର ଦାସ, ସୁଦର୍ଶନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




କବି ମାନସ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୩୬,୫୪୮ ଭୋଟରଙ୍କ ହାତରେ ୮୬ ପ୍ରାର୍ଥୀଙ୍କ ଭାଗ୍ୟ

**କେନ୍ଦ୍ରାପଡ଼ା ଅଫିସ, ୨୩।୩**

**କେନ୍ଦ୍ରାପଡ଼ା ପୌର ନିର୍ବାଚନ**

- ୨୧ ୱାର୍ଡକୁ ୭ ସେକ୍ଟରରେ ବିଭକ୍ତ
- ସମ୍ବେଦନଶୀଳ ବୁଥ୍‌ରେ ବ୍ୟାପକ ପୋଲିସ ମୁତୟନ

ଦୀର୍ଘ ୧୧ ବର୍ଷ ପରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପରିଷଦ ଗଠନ ପାଇଁ ଗୁରୁବାର ଭୋଟ ଗ୍ରହଣ ହେବ। ପୌରାଞ୍ଚଳର ୨୧ ୱାର୍ଡର ୩୬,୫୪୮ ଭୋଟର ଚଳିତ ନିର୍ବାଚନରେ ୮୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଚଳିତ ଥର ଅଧକ୍ଷା ଓ କାଉନସିଲର ପଦ ପାଇଁ ପ୍ରତ୍ୟେକ୍ଷ ଭାବେ ନିର୍ବାଚନ ହେଉଛି। ଅଧକ୍ଷା ପଦ ପାଇଁ ୪ ପ୍ରାର୍ଥୀ ରହିଥିବା ବେଳେ ୮୨ ପ୍ରାର୍ଥୀ ୨୧ଟି ୱାର୍ଡ କାଉନସିଲର ପଦ ପାଇଁ ନିର୍ବାଚନ ଲଢୁଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ସୁପରିଚାଳନା ପ୍ରସ୍ତୁତି ଶେଷ ହୋଇଛି। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ବୁଥ୍ ଅଭିମୁଖେ କର୍ମଚାରୀ ବୁଧବାର ପୂର୍ବାହ୍ନରେ ବାହାରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି, ପୌରାଞ୍ଚଳ ନିର୍ବାଚନ ପାଇଁ ମୋଟ ୪୧ଟି ବୁଥ୍ ହୋଇଛି। ୧ ନଂ. ୱାର୍ଡ ପାଇଁ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର ସ୍ଥାପନ ହୋଇଛି। ସେହିପରି ୨ ନଂ. ୱାର୍ଡର ବଡବାରଙ୍ଗ ପ୍ରାଥମିକ ବିଦ୍ୟାଳୟ, ୩ ନଂ. ୱାର୍ଡର ତଳବାରଙ୍ଗ ପ୍ରକଳ୍ପ ବିଦ୍ୟାଳୟ, ୪ ନଂ. ୱାର୍ଡର ଅଯୋଦ୍ଧାନଗର ପ୍ରାଥମିକ ବିଦ୍ୟାଳୟ, ୫ ନଂ. ୱାର୍ଡର ଗୋପ ପ୍ରାଥମିକ ବିଦ୍ୟାଳୟ, ୬ ନଂ. ୱାର୍ଡର ବଳଦେବ ହାଇସ୍କୁଲ, ୭ ନଂ. ୱାର୍ଡର ମୀରପାଟଣା ପ୍ରାଥମିକ ବିଦ୍ୟାଳୟ, ୮ ନଂ. ୱାର୍ଡର ମନକରପୁର ପ୍ରାଥମିକ ବିଦ୍ୟାଳୟ, ୯ନଂ. ୱାର୍ଡର ବୁଢ଼ି ବିଳାଶୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୦ ନଂ. ୱାର୍ଡର ମଢ଼ିଆଳ ପ୍ରାଥମିକ ବିଦ୍ୟାଳୟ ଓ ୧୧ ନଂ. ୱାର୍ଡର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଭୋଟର ମତଦାନ କରିବେ। ଏଥିସହ ୧୨ ନଂ. ୱାର୍ଡର ସରକାରୀ ହାଇସ୍କୁଲ, ୧୩ ନଂ. ୱାର୍ଡର ପୌର ଯାତ୍ରୀ ନିବାସ, ୧୪ ନଂ. ୱାର୍ଡର ଉର୍ଦ୍ଦୁ ଲାଇବ୍ରେରୀ, ୧୫ ନଂ. ୱାର୍ଡର ଦିଲାରପୁର ପ୍ରାଥମିକ ବିଦ୍ୟାଳୟ, ୧୬ ନଂ. ୱାର୍ଡର ଫକିରାବାଦ ଉର୍ଦ୍ଦୁ ବିଦ୍ୟାଳୟ, ୧୭ ନଂ. ୱାର୍ଡର ବଡହାଟ ପ୍ରାଥମିକ ବିଦ୍ୟାଳୟ, ୧୮ ନଂ. ୱାର୍ଡର କାକଟ ସ୍କୁଲ, ୧୯ ନଂ. ୱାର୍ଡର ବଣିଆମାଳ ସ୍କୁଲ, ୨୦ ନଂ. ୱାର୍ଡର ମହିପାଳ ସ୍କୁଲ ଓ ୨୧ ନଂ. ୱାର୍ଡର ଭାରତୀ ବିଦ୍ୟା ମନ୍ଦିରରେ ଭୋଟ ଦାନ ପାଇଁ ବ୍ୟବସ୍ଥା ହୋଇଛି। ସମଗ୍ର ପୌରାଞ୍ଚଳକୁ ୭ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏହି ସେକ୍ଟରରେ ସେକ୍ଟର ଅଫିସର ଦାୟିତ୍ୱରେ ଅଛନ୍ତି। ପ୍ରତି ଭୋଟ କେନ୍ଦ୍ରରେ ଜଣେ ପ୍ରିଜାଇଡିଂ ଅଫିସର, ୪ ପୋଲିଂ ଅଫିସର ଓ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହାବ୍ୟତୀତ ୧୦ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ବେଳେ ସହର ମଧ୍ୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଆଇନଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଓ ଜିଲା ପୋଲିସର ମୋବାଇଲ ଟିମ୍ ନିୟୋଜିତ ହୋଇଛନ୍ତି। ସୂଚନାଯୋଗ୍ୟ, ପୌରାଞ୍ଚଳରେ ୨୦୧୧ରେ ପରିଷଦ ଗଠନ ପାଇଁ ନିର୍ବାଚନ ହୋଇଥିଲା। ୨୦୧୬ରେ ନିର୍ବାଚନ ପାଇଁ ଡ୍ରାଫ୍ଟ ତାଲିକା ବାହାରି ଥିଲା। ତେବେ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ କାରଣ ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଜାନୁୟାରୀରେ ଏହି ନିର୍ବାଚନ ମାମଲାକୁ ଅଭିଯୋଗକାରୀ ପୂର୍ବତନ କାଉନସିଲର ମୁକ୍ତାର ଖାନ ଫେରାଇ ଆଣିଥିଲେ।

## ସଂକ୍ଷେପରେ

### ସ୍କୁଟି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଗୋପାଳପୁର,୨୩।୩(ଡି.ଏନ.ଏ.):ଗୋପାଳପୁର ଥାନା ଅନ୍ତର୍ଗତ ବୁଧବାର ଆମ୍ବପୁଆ ନିକଟରେ ସ୍କୁଟି ଧକ୍କାରେ ଚମାଖଣ୍ଡି ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ର ନଗରର ଭାଗ୍ୟଲତା ଶତପଥୀ (୭୦)ଙ୍କ ମୃତ୍ୟୁ ଘଟିଛି। ସେ ଓ ତାଙ୍କ ପୁଅ ଅଶୋକ କୁମାର ମିଶି ସ୍କୁଟିରେ ବ୍ରହ୍ମପୁର କୌଣସି କାମନେଇ ଆସିଥିଲେ। କାର୍ଯ୍ୟସାରି ଗ୍ରାମକୁ ସ୍କୁଟିରେ ଫେରୁଥିବା ବେଳେ ଆମ୍ବପୁଆ ଛକ ନିକଟରେ ପଛପଟୁ ଏକ ସ୍କୁଟି ଆସି ଭାଗ୍ୟଲତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ପଛପଟୁ ଧକ୍କା ଦେଇଥିବା ସ୍କୁଟି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ଓ ସ୍ଥାନୀୟ ଲୋକ ଭାଗ୍ୟଲତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାଗ୍ୟଲତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଶୋକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୯/୨୨ରେ ମାମଲା ରୁଜୁ କରିଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

### ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୩।୩:ଏଡିଜେ-୩ ଅଲ୍ପନା ସ୍ୱାଇଁ ଏକ ଗଞ୍ଜେଇ ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗର ହରଦିନ ବିରା ଓ ବିଶ୍ୱଜିତ ଦାସ।
ପ୍ରକାଶ ଯେ, ୨୦୧୮ ଜୁଲାଇ ୮ରେ ଅବକାରୀ ବିଭାଗ ଫାଷ୍ଟଗେଟ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଏକ କାର ଅଟକାଇ ଯାଞ୍ଚ କରିଥିଲା। ଉକ୍ତ କାର ଭିତରୁ ୮୨ କେଜି ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ପୋଲିସ ୨ ଜଣ ବଙ୍ଗୀୟ ଯୁବକ ହରଦିନ ଓ ବିଶ୍ୱଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଜଜ ସ୍ୱାଇଁ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ହରଦିନଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ ପଟ୍ଟନାୟକ, ଅନିଲ ପଣ୍ଡା ଓ ବିଶ୍ୱଜିତଙ୍କ ପକ୍ଷରୁ ମନୋଜ ମହାପାତ୍ର ଓ କୁନାଲ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

### ବିଦେଶୀ ମଦ ଜବତ, କଣ୍ଟ୍ରାକ୍ଟର ଗିରଫ

ଗଞ୍ଜାମ,୨୩।୩(ଡି.ଏନ.ଏ.):ଗଞ୍ଜାମ ଥାନା ଅନ୍ତର୍ଗତ ପିଏଚଡି ଅଫିସ ନିକଟସ୍ଥ ଗୋପାଳଜୀ ମଠରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ବୁଧବାର ଚଢ଼ାଉ କରିଥିଲା। ସେଠାରୁ ୩୦ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରାଯିବା ସହ କଣ୍ଟ୍ରାକ୍ଟର ଗିରିଜା ଶଙ୍କର ମହାପାତ୍ର ଓରଫ ହାଡ଼ିଆଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ପୌର ନିର୍ବାଚନ ଥିବା ହେତୁ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଗଞ୍ଜାମ ବଡ଼ ବଜାର ବିଦେଶୀ ମଦ ଦୋକାନ ସିଲ୍ କରାଯାଇଛି। ଏହାର ଫାଇଦା ନେବାକୁ ଅଭିଯୁକ୍ତ ହାଡ଼ିଆ ଆଗୁଆ ମଦ କିଣି ଚଢ଼ା ଦରରେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଥିଲେ। ପୋଲିସ ନଂ ୪୧/୨୨ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ଥାନା ସେକେଣ୍ଡ ଅଫିସର ଅଜିତ କୁମାର ପରିଡା, ମହିଳା ଏସ୍ଆଇ ସୁପ୍ରଭା ସାହୁ, ଏସ୍ଆଇ ନାରାୟଣ କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ, ୪ ପୋଲିଂ ଅଧିକାରୀ

## ଆଜି ମତଦାନ, ବୁଥ୍‌ରେ ପହଞ୍ଚିଲା ଇଭିଏମ୍

ବ୍ରହ୍ମପୁର ଅଫିସ,୨୩।୩

ବ୍ରହ୍ମପୁର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ଏ ନେଇ ବୁଧବାର ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ହୋଇଥିବା କଣ୍ଟ୍ରୋଲ ରୁମରୁ ପୋଲିଂ ଅଧିକାରୀ ଓ ଇଭିଏମ୍ ସହରର ବିଭିନ୍ନ ବୁଥରେ ପହଞ୍ଚିଛି। ପ୍ରତ୍ୟେକ ବୁଥରେ ପୋଲିଂ ଅଧିକାରୀ, ପ୍ରିଜାଇଡିଂ ଅଧିକାରୀ ଓ ପୋଲିସ କର୍ମଚାରୀ ନିୟୋଜିତ ରହିବେ ବୋଲି ବ୍ରହ୍ମପୁର ପୌର ନିର୍ବାଚନ ଅଧିକାରୀ ଭି.କୀର୍ତ୍ତି ଭାସନ କହିଛନ୍ତି। ଏଥିସହ ନିର୍ବାଚନ ସମୟରେ ଷ୍ଟ୍ରାଇକିଂ ଫୋର୍ସ ମୁତୟନ କରାଯାଇଛି। ବୁଥ ଗୁଡିକରେ ଭୋଟରଙ୍କ ନିମନ୍ତେ ପାନୀୟ ଜଳ ସୁବିଧା ସହ ଦିବ୍ୟାଙ୍ଗଙ୍କ ନିମନ୍ତେ ହ୍ୱିଲ ଚେୟାରର ବ୍ୟବସ୍ଥା କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୪୨ ୱାର୍ଡ ନିମନ୍ତେ ୨୫୦ ବୁଥ ରହିଛି। ଏଥିମଧ୍ୟରୁ ୫ଟି ପିଙ୍କ ବୁଥ ରହିଛି। ପିଙ୍କ ବୁଥ ଗୁଡିକରେ ମହିଳାଙ୍କ ନିମନ୍ତେ ଭୋଟ ଦାନ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥରେ ଜଣେ ପ୍ରିଜାଇଡିଂ ଅଧିକାରୀ ଓ ୫ ଜଣ ପୋଲିଂ ଅଧିକାରୀ ରହିବେ। ଏଭଳି ଭାବେ ୨୫୦ ବୁଥରେ ମୋଟ ୧୨୫୦ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ନିୟୋଜିତ ରହିବେ। ପ୍ରତି ବୁଥରେ କର୍ପୋରେଟର ଓ ମେୟର ପ୍ରାର୍ଥୀଙ୍କ ନିମନ୍ତେ ପୃଥକ ପୃଥକ ଇଭିଏମ୍ ରହିଛି। କେବଳ ୩୨,୩୫ ଓ ୧୫ନଂ. ୱାର୍ଡରେ କର୍ପୋରେଟର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ରହିଥିବାରୁ ସେଠାରେ ମେୟର ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଗ୍ରହଣ କରାଯିବ ବୋଲି ଜଣାପଡିଛି। ଗୁରୁବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ ଟା ଯାଏ ଭୋଟ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ତେବେ ପୌର ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳା ମଧ୍ୟରେ ଅନୁଷ୍ଠିତ ହେବ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ୧୪ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ଅଶ୍ୱିନୀ ପଣ୍ଡାଙ୍କ ସମେତ ୩ ଡିଏସ୍‌ପି, ୬ ଇନ୍ସପେକ୍ଟର ପରିଚାଳନା କରିବା ସହ ଏସ୍ଆଇ, ଏଏସ୍ଆଇ ଓ ହାବିଲଦାରଙ୍କୁ ମିଶାଇ ୧୨୫ ଜଣ ମୁତୟନ ରହିବେ ବୋଲି ଏସ୍‌ଡିପିଓ କହିଛନ୍ତି।


ୟୁସିପି ଇଞ୍ଜିନିୟରିଂ ସ୍କୁଲ କଣ୍ଟ୍ରୋଲ ରୁମରେ ନିର୍ବାଚନ ଅଧିକାରୀ ଓ ବିଏମସି କମିଶନର।

# କୋର୍ଟରେ ଆତ୍ମସମର୍ପଣ କଲେ ସରପଞ୍ଚ ପ୍ରାର୍ଥିନୀ

ବ୍ରହ୍ମପୁର ଅଫିସ,୨୩।୩

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଗଞ୍ଜାମ ଜିଲା ଚିକିଟି ବ୍ଲକ ପିତାତଳି ପଞ୍ଚାୟତର ବୈରିବାଡ଼ ଗ୍ରାମର ଏକ ବୁଥରେ କିଛି ସମୟ ପାଇଁ ଭୋଟଦାନ ବନ୍ଦ ରହିଥିଲା। ଜଣେ ସରପଞ୍ଚ ପ୍ରାର୍ଥିନୀଙ୍କ ଯୋଗୁ ଏହି ବିଭ୍ରାଟ ହୋଇଥିଲା ବୋଲି ଚିକିଟି ବିଡ଼ିଓ ଫାଲଗୁନ ମାଝି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ପିତାତଳି ସରପଞ୍ଚ ପ୍ରାର୍ଥିନି ପି. ଧନବତୀ ବୁଧବାର ବ୍ରହ୍ମପୁର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ସହ ତାଙ୍କ ଜାମିନ ପାଇଁ ଆବେଦନ କରିଥିଲେ। ଏସ୍‌ଡ଼ିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ଜାମିନ ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।
ପ୍ରକାଶ ଯେ, ଗତ ଫେବୃୟାରୀ ୧୮ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନ ବେଳେ ଚିକିଟି ବ୍ଲକ ପିତାତଳି ପଞ୍ଚାୟତ ବୈରିବାଡ଼ ଗ୍ରାମର ୧୩ ନମ୍ବର ବୁଥରେ ଭୋଟଦାନ ଚାଲିଥିଲା। ସେହି ସମୟରେ ଉକ୍ତ ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନି ଭୋଟଦାନ କେନ୍ଦ୍ରକୁ ଯାଇଥିଲେ। ସେଠାରେ ଥିବା ବାଲଟ ପପେର ଗୁଡିକରେ ସେ ମଧ୍ୟାହ୍ନ ପ୍ରାୟ ୧୨ ଟା ୧୫ ମିନଟରେ ପାଣି ପକାଇ ଦେଇଥିଲେ। ଫଳରେ ଭୋଟଦାନ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୧୫ ମିନଟ ପରେ ପୁଣିଥରେ ଭୋଟଦାନ ଆରମ୍ଭ ହୋଇଥିଲା। ଏନେଇ ଉକ୍ତ ବୁଥରେ ପ୍ରିଜାଇଡିଂ ଅଫିସର ଥିବା ରଜନୀକାନ୍ତ ନାୟକ ଚିକିଟି ବିଡ଼ିଓ ତଥା ନିର୍ବାଚନ ଅଧିକାରୀ ମାଝିଙ୍କୁ ଜଣାଇଥିଲେ। ବିଡ଼ିଓ ମାଝି ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ.୭୫/୨୨ ରେ ପି .ଧନବତୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା।

# ନରେନ୍ଦ୍ରପୁର ଗାଁରେ ଶୋକାକୁଳ ପରିବେଶ


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେଉଛନ୍ତି ।


ହତ୍ୟାକାଣ୍ଡ ସ୍ଥଳ ।

ହିଞ୍ଜିଳିକାଟୁ, ୨୩।୩

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ସଂଘବଦ୍ଧ ଆକ୍ରମଣରେ ନରେନ୍ଦ୍ରପୁରର ମଙ୍ଗୁଲୁ ସ୍ୱାଇଁଙ୍କ ୩ ପୁଅ ଓ ବଉଳଘାଇ ଗ୍ରାମର ସତୁଙ୍କ ପୁଅର ଜୀବନ ଯାଇଛି। ପୁଅ ରାଜା, ଶମ୍ଭୁ, ପାଣ୍ଡବ ଓ ପୁତୁରା ଚନ୍ଦନଙ୍କୁ ହରାଇ ମଙ୍ଗୁଲୁ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି। ଶାଳୀ ଓ ସତୁଙ୍କ ମୃତ୍ୟୁ ପରେ ସେମାନଙ୍କ ଏକମାତ୍ର ପୁଅ ଚନ୍ଦନଙ୍କୁ ପ୍ରାୟ ୫ବର୍ଷ ବୟସରୁ ଆଣି ମଙ୍ଗୁଲୁ ପାଖରେ ରଖିଥିଲେ। ଏବେ ଦୁଇଟି ପରିବାର ଉଜୁଡିଯାଇଛି। ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

**ମୃତ୍ୟୁଯନ୍ତା ଫାଷ୍ଟଫୁଡ୍ ସେଣ୍ଟର**

ପିତଳ ଛକରେ ଫାଷ୍ଟଫୁଡ଼ ସେଣ୍ଟର କରିଥିଲେ ରାଜା ଓ ତାଙ୍କ ମାଉସୀ ପୁଅ ଚନ୍ଦନ। ରାଜାଙ୍କ ଭାଇ ଶମ୍ଭୁ ବିଏ ପାସ କରି ଚାକିରି ଅନ୍ୱେଷଣରେ ରହିଥିଲେ। ତେଣୁ ସେ ଘରେ ନ ରହି ଅଧିକାଂଶ ସମୟ ଫାଷ୍ଟଫୁଡ୍ ଦୋକାନରେ ରହୁଥିଲେ। ସାନ ଭାଇ ପାଣ୍ଡବ ସୁରଟରୁ କାମ ଛାଡ଼ି କିଛି ମାସ ତଳେ ଗାଁକୁ ଆସିଥିଲେ। ଆଉ ବାହାରକୁ ନ ଯାଇ ଏକ ଡାଲା ଅଟୋ ଚଳାଇଥିଲେ। ରାତି ହେଲେ ଭାଇମାନେ ଫାଷ୍ଟ ଫୁଡ ସେଣ୍ଟରରେ ଏକାଠି ହୁଅନ୍ତି। ଦୋକାନ ବନ୍ଦ କରି ସମସ୍ତେ ଏକାଠି ଯାଆନ୍ତି। ହେଲେ ମଙ୍ଗଳବାର ରାତିରେ ସେହି ଫାଷ୍ଟଫୁଡ ସେଣ୍ଟର ୪ ଭାଇଙ୍କ ପାଇଁ ମୃତ୍ୟୁଯନ୍ତା ହୋଇ ରହିଥିଲା। ସମସ୍ତେ ସେଠାରେ ଏକାଠି ହେବା ପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରାଯିବାରୁ ସମସ୍ତଙ୍କ ମୃତ୍ୟୁ ଘଟିଥିଲା।

**ଭାଇଙ୍କୁ ଛାଡ଼ି ଘରକୁ ଗଲେନି ଭାଇ**

ମଙ୍ଗୁଲୁଙ୍କ ପଡ଼ୋଶୀ ଭଗବାନ ଜେନା ଆଳୁ ବ୍ୟବସାୟ କରନ୍ତି। ସେ କହିଛନ୍ତି ମଙ୍ଗୁଲୁଙ୍କ ପରିବାର ଅତି ଭଲ। ମଙ୍ଗୁଲୁଙ୍କ ସାନ ପୁଅ ପାଣ୍ଡବ ଡାଲା ଅଟୋରେ ତାଙ୍କ ଠାରୁ ଆଳୁ ନେଇ ବ୍ରହ୍ମପୁର ଯାଆନ୍ତି। ମଙ୍ଗଳବାର ରାତିରେ ଭଗବାନ ବେପାର ସାରି ବାଇକରେ ଗାଁକୁ ଫେରିବା ବେଳେ ଫାଷ୍ଟଫୁଡ଼ ଦୋକାନ ନିକଟରେ ଅଟକି ୪ ଭାଇଙ୍କ ମଧ୍ୟରୁ ଜଣେ କେହି ତାଙ୍କ ବାଇକରେ ଆସି ଯିବାକୁ ପାଣ୍ଡବଙ୍କୁ କହିଥିଲେ। ହେଲେ ପାଣ୍ଡବ ମନା କରିବା ସହ ୪ ଜଣ ଯାକ ମିଶିକି ଯିବୁ ବୋଲି କହିଥିଲେ। ହେଲେ ନିୟତି ବଡ଼ ନିଷ୍ଠୁର। ୪ ଭାଇ ଗାଁକୁ ଆସିବେ କଣ ଏକାଠି ଆଉ ପାରିକୁ ଚାଲିଗଲେ।

# ରାସ୍ତା ମଝିରେ ଖାଲଖମା

ବଲସକୁମ୍ପା,୨୩।୩

କନ୍ଧମାଳ ଜିଲାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୧୫୭ ନଂ ଜାତୀୟ ରାଜପଥର ସମ୍ପେପଦର ଗାଁ ନିକଟରେ ରାସ୍ତା ମଝିରେ ପିଚୁ ଉପୁଡ଼ି ଯାଇ ଅନେକ ଖାଲ ଖମା ସୃଷ୍ଟି ହୋଇଛି। ଯାହାଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟିଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ ସେହି ସ୍ଥାନରେ ରାସ୍ତା ମରାମତି ନ କରି ଭଲ ରାସ୍ତା ଗୁଡ଼ିକରେ ପିଚୁ ପକାଉଥିବା ଦେଖିବାକୁ ମିଳୁଛି ବୋଲି ସମ୍ପେପଦର ଗାଁର ଯୁବକମାନେ ପ୍ରକାଶ କରିଛନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟିଦେଇ ଶୀଘ୍ର ରାସ୍ତା ମରାମତି କରିବାକୁ ସ୍ଥାନୀୟ ଯୁବକ ସଂଘ ମାଁ ଇଷ୍ଟ ଦେବୀ ଯୁବ କଳା ପରିଷଦ ଏବଂ ବାବା ସୋମନାଥ ଯୁବକ ସଂଘ ଏବଂ ଉତ୍କଳ ମଣି ଯୁବକ ସଂଘ ଦାବି କରିଛି।

# ବିଶ୍ୱ ଜଳ ଦିବସ ପାଳିତ

ଭଞ୍ଜନଗର,୨୩।୩ (ଡି.ଏନ.ଏ.)

ଜବାହର ଉଚ୍ଚ ବିଦ୍ୟାଳୟ ବଡକୋଦଣ୍ଡା ଠାରେ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ଗୌରୀ ଶଙ୍କର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ମହେଶ୍ୱର ବରଡ଼ ଯୋଗଦେଇ ଜଳର ବିଶୁଦ୍ଧତା, ଏହାର ବିନିଯୋଗ, ଜଳ ହିଁ ଜୀବନ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଶୂଳପାଣି ଶତପଥୀ ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ପଣ୍ଡା, ସାଜନ ସ୍ୱାଇଁ, ରଶ୍ମିତା ସାହୁ, ଅନିମା ମିଶ୍ର, ରାଜଶ୍ରୀ ପଟ୍ଟନାୟକ, ଶରତ ଚନ୍ଦ୍ର ବେହେରା, ନିର୍ମଳ ସ୍ୱାଇଁ, ବାଳକୃଷ୍ଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମଞ୍ଚାସୀନ ଅତିଥି ।

# ଜି.ଉଦୟଗିରି ଏନ୍ଏସି:୯ ବୁଥ୍ ଅତି ସମ୍ବେଦନଶୀଳ

ଜି.ଉଦୟଗିରି,୨୩।୩(ଡି.ଏନ.ଏ.)

ରାତି ପାହିଲେ ଜି.ଉଦୟଗିରି ଏନ୍ଏସି ନିର୍ବାଚନ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ବ୍ଲକ ପରିସରରୁ ୧୩ ବୁଥ୍ ପାଇଁ ପୋଲିଂ ପାର୍ଟି ନିର୍ବାଚନୀ ସରଞ୍ଜାମ ଧରି ନିଜ ନିଜ ବୁଥ୍‌ରେ ପହଞ୍ଚିଲେଣି। ଏନ୍ଏସିର ବିଭିନ୍ନ ସ୍କୁଲରେ ୧୩ ବୁଥ୍ ବ୍ୟବସ୍ଥା କରାଯାଇଥିବାରୁ ହାତୀଶାଳ ସ୍କୁଲର ୯ ନମ୍ବର ବୁଥ୍‌କୁ ପିଙ୍କ୍ ବୁଥ୍ ଏବଂ ୧୦ ନମ୍ବର ବୁଥ୍‌କୁ ମଡେଲ ବୁଥ୍ ଭାବେ ଘୋଷଣା କରାଯାଇଛି। ୧୩ ବୁଥ୍ ମଧ୍ୟରୁ ୯ଟି ବୁଥ୍ ଅତି ସମ୍ବେଦନଶୀଳ ରହିଥିବା ବେଳେ ୪ ସମ୍ବେଦନଶୀଳ ବୁଥ୍ ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା କହିଛନ୍ତି ଥାନାଧିକାରୀ ରେବତୀ ଶବର। ଚଳିତ ନିର୍ବାଚନରେ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ପ୍ରମୁଖ ତିନି ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳ ସହିତ ୫ ସ୍ୱାଧୀନ ପ୍ରାର୍ଥିନୀଙ୍କୁ ମିଶାଇ ୮ ଜଣ ପ୍ରାର୍ଥିନୀ ରହିଛନ୍ତି। ସେହିଭଳି ୧୩ ୱାର୍ଡ ପାଇଁ ବିଜେଡି ତରଫରୁ ୧୩ କାଉନସିଲର ପ୍ରାର୍ଥୀ, ଭାଜପା ତରଫରୁ ୧୩ କାଉନସିଲର ପ୍ରାର୍ଥୀ, କଂଗ୍ରେସ ତରଫରୁ ୫ କାଉନସିଲର ପ୍ରାର୍ଥୀ, ୪ ସ୍ୱାଧୀନ କାଉନସିଲର ପ୍ରାର୍ଥୀଙ୍କୁ ମିଶାଇ ମୋଟ ୩୫ ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୪୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୮୧୮୫ ମତଦାତା।

# ଭାରୋତ୍ତୋଳନ ପ୍ରତିଯୋଗିତା: ମୁନାଙ୍କୁ ରୌପ୍ୟ

ବ୍ରହ୍ମପୁର ଅଫିସ,୨୩।୩

ଭାରତୀୟ ଭାରୋତ୍ତୋଳନ ସଂଘ ପକ୍ଷରୁ ମାର୍ଚ୍ଚ ୧୯ରୁ ୨୧ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟଠାରେ ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାର ମୁନା ନାୟକ ୬୧ କେଜି ବର୍ଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ମୁନା ନିଜ ବର୍ଗରେ ବିଭିନ୍ନ ରାଜ୍ୟରୁ ଆସିଥିବା ୧୫ କ୍ରୀଡ଼ାବିତ୍‌ଙ୍କ ସହ ପ୍ରତିଯୋଗିତା କରିଥିଲେ। ସେ ୧୧୦ କେଜି ସ୍ନାଚ ଓ ୧୪୫ କେଜି କ୍ଲିନ ଜର୍କ କରିଥିଲେ। ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମର ମୁନା ଯୋଗୀ ନାୟକଙ୍କ ପୁଅ। ଗରିବ ପରିବାରରୁ ଆସିଥିବା ମୁନା ଏଯାବତ କୌଣସି ସରକାରୀ ସହାୟତା ପାଇନାହାନ୍ତି। ସହାୟତା ମିଳିଲେ ତାଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପୂର୍ବ ପ୍ରସ୍ତୁତିରେ ସହାୟକ ହୋଇପାରନ୍ତା ବୋଲି ତାଙ୍କ ପୂର୍ବତନ କୋଚ୍ ସୀତା ଜେନା କହିଛନ୍ତି। ମୁନା ୨୦୧୪-୧୫ରେ ବ୍ରହ୍ମପୁର ଷ୍ଟାଡିୟମ କ୍ରୀଡ଼ା ଛାତ୍ରାବାସରେ ରହି ସୀତାଙ୍କଠାରୁ ତାଲିମ ନେଉଥିଲେ। ପରେ ସେ ୨୦୧୬ରୁ ୬ ବର୍ଷ ହେବ ମହାରାଷ୍ଟ୍ରର ପୁଣେସ୍ଥିତ ଆର୍ମି ସ୍ପୋର୍ଟ ଏକାଡେମୀରେ ରହି ଭାରୋତ୍ତୋଳନ କ୍ଷେତ୍ରରେ ପ୍ରଶିକ୍ଷିତ ହେବା ସହ ବହୁବାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ମେ’ ୨ରୁ ୧୦ ପର୍ଯ୍ୟନ୍ତ ଗ୍ରୀସ୍‌ଠାରେ ହେବାକୁ ଥିବା ବିଶ୍ୱସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ନିମନ୍ତେ ପଞ୍ଜାବ ପଟିଆଲାର ନେତାଜୀ ସୁଭାଷ ଜାତୀୟ କ୍ରୀଡ଼ା ଏକାଡେମୀରେ ଚାଲିଥିବା ଭାରୋତ୍ତୋଳନ ତାଲିମ କେନ୍ଦ୍ରରେ ଫେବୃୟାରୀ ୨୫ରୁ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ମୁନା ୨୦୧୯ରେ ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଭାରୋତ୍ତୋଳନ ପ୍ରତିଯୋଗିତାରେ ରୌପ୍ୟ, ଗୟାଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ୨୦୨୦ ଆସାମ ଦିଶପୁରଠାରେ ଅନୁଷ୍ଠିତ ତୃତୀୟ ଯୁବ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ବ୍ରୋଞ୍ଜ ପଦକ ସମେତ ବହୁ ପଦକ ହାସଲ କରିଛନ୍ତି।



ମୁନା ନାୟକ ।

# ଗଜପତିର ୨ ସହରାଞ୍ଚଳରେ ନିର୍ବାଚନ ଆଜି

ପାରଳାଖେମୁଣ୍ଡି,୨୩।୩(ଡି.ଏନ୍.ଏ.)

ସରିଛି ପ୍ରଚାର ଆଜି ନିର୍ବାଚନ। ଗଜପତି ଜିଲାର ଦୁଇଟି ପୌରାଞ୍ଚଳ କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳ ଓ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ପାଇଁ ଗୁରୁବାର ମତଦାନ ହେବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳରେ ୧୩ ୱାର୍ଡ ଓ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରେ ୧୬ ୱାର୍ଡ ପାଇଁ ୩୮ ବୁଥ୍‌ରେ ମତଦାନ ସାବ୍ୟସ୍ତ କରିବେ ୩୪ ହଜାର ଭୋଟର, ସେଥିରୁ ମହିଳାମାନଙ୍କ ପାଇଁ ୩ ପିଙ୍କ୍ ବୁଥ୍ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ପରିଚାଳନା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମୋଟ ୭ ସମ୍ବେଦନଶୀଳ ବୁଥ୍ ସହ ଅନ୍ୟ ବୁଥ୍‌ରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯାଇଛି।

# ଫରେଷ୍ଟ ଗାର୍ଡଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

କାଶୀନଗର,୨୩।୩

ପାରଳାଖେମୁଣ୍ଡି ବନଖଣ୍ଡ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଶିବରାମ ସାବତଙ୍କୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ରାଜ୍ୟ ସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ସମ୍ମାନସ୍ୱଦ ମାନପତ୍ର, ମେଡାଲ ଓ ୧୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ରାଜ୍ୟ ଜଙ୍ଗଲ ବିଭାଗ ସଚିବ ଡ. ମୋନା ଶର୍ମା, ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀ ପଲ, ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଓଁ ପ୍ରକାଶ ସିଂ ପ୍ରମୁଖଙ୍କ ଉପସ୍ଥିତିରେ ପୁରସ୍କାର ସାବତଙ୍କୁ ପ୍ରଦାନ କରାଯାଇଥିଲା। ଶିବରାମ ସାବତ ୨୦୦୭ରେ ବନ ବିଭାଗର ଜଣେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ କାଶୀନଗର ବନଖଣ୍ଡ ବିଭାଗରେ ବନ୍ୟ ସଂରକ୍ଷଣ ଚାରାରୋପଣ କାର୍ଯ୍ୟ ଏବଂ ପ୍ଲାଣ୍ଟେଶନ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ। ପରେ ପାରଳାଖେମୁଣ୍ଡି ମୁଖ୍ୟ ବନଖଣ୍ଡ କାର୍ଯ୍ୟାଳୟରେ ଯୋଗଦେଇଥିଲେ। ଜଣେ ସଚୋଟ, ନିଷ୍ଠାବାନ୍ ଦକ୍ଷ କର୍ମଚାରୀ ଭାବେ ତାଙ୍କୁ ରାଜ୍ୟସ୍ତରୀୟ ସମ୍ମାନସ୍ୱଦ ପୁରସ୍କାର ପ୍ରାପ୍ତ କରିଛନ୍ତି। ପାରଳାଖେମୁଣ୍ଡି ବନଖଣ୍ଡ ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ବେହେରା ଓ କାର୍ଯ୍ୟରତ କର୍ମଚାରୀ ପ୍ରମୁଖ ସାବତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।



ଫରେଷ୍ଟ ଗାର୍ଡଙ୍କୁ ରାଜ୍ୟସ୍ତରୀୟ ସମ୍ମାନାସ୍ୱଦ ପୁରସ୍କାର ପ୍ରଦାନ କରୁଛନ୍ତି ଅତିଥି।

# ପ୍ରାର୍ଥନା, ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ବଞ୍ଚିତ ଛାତ୍ରୀଛାତ୍ର

## ଖୋଲିଲା ବିଦ୍ୟାଳୟ

ଦାରିଙ୍ଗବାଡ଼ି,୨୩।୩(ଡି.ଏନ.ଏ)

ଛାତ୍ରୀଛାତ୍ରଙ୍କ ମୂଳମନ୍ତ୍ର ହେଲା ଶିକ୍ଷାନୁଷ୍ଠାନଗୁଡ଼ିକରୁ ବିଦ୍ୟା ପ୍ରାପ୍ତ କରିବା ସହ ଖେଳକୁଦ, ସାମାଜିକ ଜ୍ଞାନ, କବିତା, ଚିତ୍ରାଙ୍କନ, ଦେଶବିଦେଶର ସୂଚନା ସମ୍ପର୍କରେ ଶିକ୍ଷା ଲାଭ କରିବା। ସକାଳେ ନିଜ ବିଦ୍ୟାଳୟକୁ ପ୍ରବେଶ କରି ପଢ଼ା ଆଗରୁ ପ୍ରଥମେ ସାମୂହିକ ପ୍ରାର୍ଥନା କରାଯାଇଥାଏ। ଏହା ଦ୍ୱାରା ପିଲାଙ୍କ ମନ ଶାନ୍ତି ରହିଥାଏ। ସେହିପରି ଜାତୀୟ ସଙ୍ଗୀତ ଗାନ କରିବା ସହ ପ୍ରତିଦିନ ଘଟୁଥିବା ଘଟଣା ସମ୍ପର୍କରେ ସେମାନଙ୍କୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଖବରକାଗଜ ପଢ଼ାଇ ଶୁଣାଇଥାନ୍ତି । ଏଥିସହ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ଯାଞ୍ଚ ମଧ୍ୟ କରାଯାଇଥାଏ। ସେହିପରି ସାଧାରଣ ଜ୍ଞାନ ପଠନ ସହ ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପ୍ରାର୍ଥନା କ୍ଲାସରେ ଜଣାଯାଇଥାଏ। କିନ୍ତୁ ୨୦୨୦ କରୋନା ସଂକ୍ରମଣ ଲାଗି ବିଦ୍ୟାଳୟ ବନ୍ଦ ପୂର୍ବରୁ ପ୍ରାର୍ଥନା ଉପରେ କଟକଣା ଲଗାଯାଇଥିଲା। ପରେ ବିଦ୍ୟାଳୟ ବନ୍ଦ କରାଯାଇଥିଲା। ୨୦୨୧ ଅକ୍ଟୋବରରୁ ଧୀରେ ଧୀରେ ବିଦ୍ୟାଳୟ ଖୋଲାଯାଇଥିଲା। ଫେବୃୟାରୀ ୨୮ରେ ପ୍ରଥମରୁ ପଞ୍ଚମ ଯାଏ ବିଦ୍ୟାଳୟ ଖୋଲାଯାଇଥିଲେ ମଧ୍ୟ ନିୟମିତ ପ୍ରାର୍ଥନା କରିବା ପାଇଁ କୌଣସି ଚିଠି ଆସିନାହିଁ। ଫଳରେ ବ୍ଲକର ୨୫ ପଞ୍ଚାୟତ ଅଞ୍ଚଳରେ ରହିଥିବା ଶତାଧିକ ବିଦ୍ୟାଳୟର ହଜାର ହଜାର ଛାତ୍ରୀଛାତ୍ର ଏହି ପ୍ରାର୍ଥନାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ କୋଭିଡ ଗାଇଡ ଲାଇନକୁ ପାଳନ କରି ଏହି ପ୍ରାର୍ଥନା କରାଯାଉ ନ ଥିବା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କହିଛନ୍ତି। କେବଳ ଏପ୍ରିଲରୁ ମଧ୍ୟାହ୍ନ ଭୋଜନ ପାଇଁ ଚିଠି ହୋଇଛି, ପ୍ରାର୍ଥନା ପାଇଁ ହୋଇ ନ ଥିବା ସ୍ଥାନୀୟ ବିଇଓ ରସାନନ୍ଦ କର କହିଛନ୍ତି । ଜିଲା ପ୍ରଶାସନର ଅନୁମତି ମିଳିଲେ ପ୍ରାର୍ଥନା କରାଯିବ ବୋଲି କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ ଏହି ଅନୁମତି ଦିଆଯିବା ସହ ବିଦ୍ୟାଳୟଗୁଡ଼ିକରେ ପୁଣି ବିଜ୍ଞାନ ମେଳା ସହ ବାର୍ଷିକ ଉତ୍ସବ, ଖେଳକୁଦ ପ୍ରତିଯୋଗିତା ଆଦି ପାଇଁ ଅନୁମତି ପ୍ରଦାନ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଖଣ୍ଡପଡ଼ା,୨୩।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସକା ରାସ୍ତାର କିଆଝର ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଗୋଚ୍ଛାବାରୀ ଗ୍ରାମର ଅଜୟ ବେହେରା(୪୮)ଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ରାତିରେ ଅଜୟ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ । ହେଲେ କିଆଝର ଗ୍ରାମ ନିକଟ ରାସ୍ତାପାର୍ଶ୍ୱ କଲଭର୍ଟରେ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଉଥିଲା । ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଖଣ୍ଡପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ଶିବ ସନ୍ଦେଶ ରଥ ପରିକ୍ରମା

**ଖଣ୍ଡପଡ଼ା,୨୩।୩(ସ୍ୱ.ପ୍ର.):**ଖଳିସାହି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ଜ୍ୟୋତ୍ସ୍ନା ଓ ଶିବାନୀଙ୍କ ନେତୃତ୍ୱରେ ସୋମବାର ଶିବସନ୍ଦେଶ ରଥ ମର୍ଦ୍ଦରାଜ ପ୍ରାସାଦ, କଳପଙ୍ଗି, କଳଟାଙ୍ଗି, ଜୟବନ୍ଦ, ଭୋଗଡ଼ା ରାଣୀଛେଲି ଓ ମଙ୍ଗଳପୁର ଗ୍ରାମ ପରିକ୍ରମା କରିଥିଲା । ଏହି ପରିପ୍ରେକ୍ଷୀରେ ଏକ ଆଧାତ୍ମିକ ପରିବେଶରେ ବ୍ରହ୍ମାକୁମାର ଭାଇ ଓ ଭଉଣୀମାନଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଣୀଛେଲି ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ,ଖୋର୍ଦ୍ଧା କେନ୍ଦ୍ରର ଜୟକୃଷ୍ଣ ଭାଇ,ନୂଆପାଟଣା କେନ୍ଦ୍ରରୁ ଜଳଧର,ଆଠଗଡ଼ରୁ ଦିଲ୍ଲୀପ ଭାଇ,କଣ୍ଟିଲୋରୁ ବସନ୍ତ ଭାଇ ଓ ରାମ ଭାଇ ଓ ଖଣ୍ଡପଡ଼ା ପଠାଣି ସାମନ୍ତ କ୍ଲବ ସଭାପତି ମହେନ୍ଦ୍ର ଭାଇ ପ୍ରମୁଖ ଯୋଗଦାନ କରିଥିଲେ । ଏହି ସଭାରେ ଅନୁଷ୍ଠାନ ପକ୍ଷରୁ ରାଣୀଛେଲି ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କୁ ସମ୍ମାନୀତ କରାଯାଇଥିଲା ।

### ଚୋରି ମିକ୍ସଚର ମେଶିନ ଜବତ, ୨ ଗିରଫ



**ନୟାଗଡ଼ ଅଫିସ,୨୩।୩:** ଇଟାମାଟି ଥାନା ପୋଲିସ ଚୋରି ହୋଇଥିବା ମିକ୍ସଚର ମେଶିନ୍‌କୁ ଜବତ କରିଛି । ଏହି ଘଟଣାରେ ଦଶପଲ୍ଲା ଥାନା ମଧଖଣ୍ଡ ଗାଁର ଗଣେଶ ପରିଡ଼ା(୩୬) ଓ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ହନ୍ତପଡ଼ା ଗାଁର ଶାନ୍ତନୁ ମହାନ୍ତି (୨୬)ଙ୍କୁ ଗିରଫ କରିଛି । ଗଣେଶଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ଶାନ୍ତନୁଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ମଜୁରିଆପଲ୍ଲୀରୁ ୩୧ ଜାନୁୟାରୀରେ ଏକ ମିକଷ୍ଟର ମେଶିନ ଚୋରି ହୋଇଥିଲା । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୧୭/୨୨) ମାମଲା ରୁଜୁ କରି ତଦନ୍ତ କରୁଥିଲା । ଏହି ଘଟଣାରେ ପୋଲିସ ଶହୀଦନଗରରୁ ମିକଷ୍ଟର ମେଶିନ୍ ଜବତ କରିଛି । ମିକଷ୍ଟର ମେଶିନ ନେଇଥିବା ଓଡି୨୫ -୫୪୧୭ ନଂ.ର ଡାଲା ଅଟୋକୁ ମଧ ପୋଲିସ ଜବତ କରିଛି ।

# ଗ୍ରୀଷ୍ମ ଆରମ୍ଭରୁ ଜଙ୍ଗଲରେ ନିଆଁ

**ନୟାଗଡ଼ ଅଫିସ,୨୩।୩**



- ଗାଁ, ସହର ମୁହାଁ ବନ୍ୟପ୍ରାଣୀ
- ରାତିରେ ଜଳୁଥିଲା ଜଙ୍ଗଲ
- ଗ୍ରାମବାସୀ ଲିଭାଇଲେ

ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଜଙ୍ଗଲରେ ନିଆଁ ଲାଗିଛି । ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ରୁକ୍ଷି ଓ ପଞ୍ଚରିଡ଼ା ରେଞ୍ଜର ରତ୍ନମାଳା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ନଜରକୁ ଆସିଛି । ଜଙ୍ଗଲରେ ନିଆଁ ଲାଗିଥିବାରୁ ବନ୍ୟପ୍ରାଣୀ ଗାଁ ଓ ସହର ମୁହଁ ହେଉଛନ୍ତି । କେତେକ ବନ୍ୟପ୍ରାଣୀ ଶିକାରୀ ଓ କୁକୁରଙ୍କ ହାବୁଡରେ ପଡ଼ି ପ୍ରାଣ ହରାଉଛନ୍ତି । ଜଙ୍ଗଲ ନିଆଁ ପ୍ରକୃତିଗତ ନୁହେଁ ମନୁଷ୍ୟକୃତ । ଏହାକୁ ରୋକିବାକୁ ସଚେତନତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବନବିଭାଗ ଡିଣ୍ଡିମ ପିଟୁଛି। ହେଲେ ଗ୍ରୀଷ୍ମଋତୁ ଆରମ୍ଭରୁ ଏନେଇ ସଚେତନତା ସୃଷ୍ଟି କରାଯାଉନାହିଁ । ପ୍ରତିବର୍ଷ ଜଙ୍ଗଲ ନିଆଁ ବଢ଼ି ଚାଲିଛି ବୋଲି ଅଭିଯୋଗ ହୋଇଛି ।

ନୟାଗଡ଼ ଜିଲାରେ ଗୋଛା, ଗୁମି, ବୁଗୁଡ଼ା ଓ ପୋଖରୀ ଗୋଛାରେ ୪ ହାତୀ ଚଲାପଥ ରହିଛି । ଏହି ଚଲାପଥରେ ନିଆଁ ଲାଗିଲେ ହାତୀଙ୍କ ପାଇଁ ବିପଦ ରହିଛି । ନିଆଁ ଲଗାଇବା ଦଣ୍ଡନୀୟ ଅପରାଧ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଧାରା ୨୭(୧)(ଏ)୩(ବି) ଅନୁସାରେ ୩ରୁ ୭ବର୍ଷ ଜେଲ ଦଣ୍ଡ ରହିଛି । ଗତ ବର୍ଷ ପଞ୍ଚରିଡ଼ା ରେଞ୍ଜର ଜଣେ ବ୍ୟକ୍ତି ଏହି ଧାରାରେ ଗିରଫ ହୋଇଛନ୍ତି । ହେଲେ ଏହି ଆଇନ ନେଇ ଅନେକ ଅଜଣା । ଅଙ୍ଗାର ପାଇଁ ହେଉ କି ଅନ୍ୟ କାରଣରୁ ହେଉ ଜଙ୍ଗଲରେ ନିଆଁ ଲଗା ଯାଉଛି । ଜାଳେଣି କାଠ ଓ ଶୁଖିଲା ବାଉଁଶ ଜଙ୍ଗଲରେ ପଡ଼ି ରହିଛି । ପୁଣି ଗଛ ପତ୍ରଝଡା ଦେଇଥିବାରୁ ନିଆଁ ଲାଗିଲେ ସହଜରେ ଛାଡୁନି । ପୂର୍ବରୁ କଞ୍ଚାଡାଳ ଓ ବାଲି ନିଆଁ ଲିଭା ପାଇଁ ବ୍ୟବହାର ହେଉଥିଲା । ଗଛରେ ପତ୍ର ନ ଥିବାରୁ କଞ୍ଚା ଡାଳ ମିଳୁନି । ପୁଣି ବାଲି ସବୁ ଜଙ୍ଗଲରେ ନାହିଁ । ଏଣୁ ଫାୟାର ଲାଇନ କରାଯାଇ ନିଆଁକୁ ଆୟତ୍ତ କରାଯାଉଛି । ହେଲେ ଫାୟାର ଲାଇନ ନେଇ ସ୍ଥାନୀୟ ବାସିନ୍ଦା ଅବଗତ ନୁହଁନ୍ତି । ୨୦୨୧ ମାର୍ଚ୍ଚରେ ଲଗାତାର ୩ ଦିନ ଧରି ଜଙ୍ଗଲ ଜଳିଥିଲା । ଏହି ୩ଦିନର ରେକର୍ଡକୁ ଦେଖିଲେ ପ୍ରଥମ ଦିବସରେ ୧୯୫, ୨ୟ ଦିବସରେ ୩୮୪ ଓ ତୃତୀୟ ଦିବସରେ ୧୦୦ଟି ସ୍ଥାନରେ ନିଆଁ ଲାଗିଥିଲା । ୩ଦିନର ନିଆଁ ଲାଗିବା ଘଟଣାକୁ ଦେଖି ବନବିଭାଗ ସଚେତନତାକୁ ଗୁରୁତ୍ୱ ଦେଇଥିଲା ।

**ରାତିରେ ଜଳୁଥିଲା ଜଙ୍ଗଲ:**ଦଶପଲ୍ଲା ରେଞ୍ଜର ବାସୁକିପଥର ଜଙ୍ଗଲରେ ମଙ୍ଗଳବାର ରାତିରେ ନିଆଁ ଲାଗିଥିଲା। ଖବର ପାଇ ସ୍ଥାନୀୟ ବାସିନ୍ଦା ରାତାରାତି ଜଙ୍ଗଲରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । କଞ୍ଚାଡାଳ, ବାଲି ସାହାଯ୍ୟରେ ନିଆଁକୁ ଆୟତ କରାଯାଇଥିଲା । ସୂଚନାଯୋଗ୍ୟ, ଗ୍ରାମଦେବତୀ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କମିଟି ଗଠନ କରି ବାଙ୍କତଇଲା ଗାଁର ୪୨ ଦଳିତ ପରିବାର ବାସୁକିପଥର, ପିତାବଳୀ, ଡୁବୁରୀ ଜଙ୍ଗଲର ସୁରକ୍ଷା ଦେଇ ଆସୁଛନ୍ତି । ଏହି ୩ ଜଙ୍ଗଲର ୨୧୭ ଏକର ଜଙ୍ଗଲ ପଦା ହେବାକୁ ବସିଥିଲା । ଜଙ୍ଗଲର ସୁରକ୍ଷା ପାଇଁ ଗାଁର ମହିଳାମାନେ ଆଗେଇ ଆସିଥିଲେ । ପରେ ମହିଳା ପୁରୁଷ ମିଶି ୨୦୧୯ରୁ ଜଙ୍ଗଲର ସୁରକ୍ଷା ଦେଉଛନ୍ତି। ୩ ବର୍ଷ ଭିତରେ ଜଙ୍ଗଲର ଗଛଲତା ବଢ଼ିବାରେ ଲାଗିଛି । କାଠଚୋରଙ୍କ ଉତ୍ପାତ କମିବାରେ ଲାଗିଛି । ଏନେଇ ଜଙ୍ଗଲ କମିଟିର ସଭାପତି ଲକ୍ଷ୍ମୀଧର ମୁଦୁଲି ଓ ସମ୍ପାଦିକା ସୁକାନ୍ତି ବେହେରା କୁହନ୍ତି, ବାସୁକି ପଥର ଜଙ୍ଗଲରେ ମଙ୍ଗଳବାର ରାତିରେ ନିଆଁ ଲାଗିଥିଲା। ନିଆଁ ଲାଗିବା ଜଣାପଡିବା ପରେ ଏହାକୁ ଗ୍ରାମବାସୀ ଲିଭାଇ ଦେଇଛନ୍ତି ।

### ଦଶପଲ୍ଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଦଶପଲ୍ଲା, ୨୩।୩ (ଡି.ଏନ.ଏ.)**

ଗୁରୁବାର ପୌର ନିର୍ବାଚନ ପାଇଁ ଦଶପଲ୍ଲା ପୋଲିସ ପକ୍ଷରୁ ବୁଧବାର ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା । ଭୋଟ ଗ୍ରହଣକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବାକୁ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନାଙ୍କ ନେତୃତ୍ୱରେ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ଓ ଅନ୍ୟ ପୋଲିସ ଅଧିକାରୀମାନେ ସହରର ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି ।

### ଯୁବକଙ୍କ ଆତ୍ମହତ୍ୟା

**ଆସିକା,୨୩।୩(ଡି.ଏନ.ଏ.)**

ମଙ୍ଗଳବାର ରାତିରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବ୍ରହ୍ମପୁର ପୋଲିସ ଜିଲା ଅଧୀନ କେ. ନୂଆଗାଁ ଥାନା ଅନ୍ତର୍ଗତ ନୂଆଗାଁର ପ୍ରଫୁଲ୍ଲ ଚନ୍ଦ୍ର ନାହାକ (୩୦) । ପ୍ରଫୁଲ୍ଲ ଏକ ନିର୍ଜନ ସ୍ଥାନରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢିଯାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ସ୍ତ୍ରୀ ଅଧ୍ୟକ୍ଷା, ସ୍ୱାମୀ ଉପାଧ୍ୟକ୍ଷ

**ନୟାଗଡ଼ ଅଫିସ,୨୩।୩**

ନୟାଗଡ଼ ଜିଲା ଭାପୁର ବ୍ଲକ ଉପାଧ୍ୟକ୍ଷ ଭାବେ କଇଁଫୁଲିଆ ସମିତି ସଭ୍ୟ ବେଣୁଧର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ବୁଧବାର ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବାର ଥିଲା। ହେଲେ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ନ କରିବାରୁ ବେଣୁଧର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ବେଣୁଧରଙ୍କ ସ୍ତ୍ରୀ ସାବିତ୍ରୀ ପ୍ରଧାନ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ବେଣୁଧର ବି ବିଜେଡି ସମର୍ଥନରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

### ଅଧ୍ୟକ୍ଷ ନିର୍ବାଚନରେ ହାରିଲେ, ଉପାଧ୍ୟକ୍ଷ ଜିତିଲେ

ନୟାଗଡ଼ ଜିଲା ରଣପୁର ବ୍ଲକରେ ଉପାଧ୍ୟକ୍ଷ ଭାବେ ଡମସାହି ସମିତି ସଭ୍ୟ ପ୍ରଭାତ କୁମାର ଦଳବେହେରା ବିଜୟୀ ହୋଇଛନ୍ତି। ସେ ଭାଜପାର ସମର୍ଥିତ ପ୍ରାର୍ଥୀ ମନ୍ମଥ ତ୍ରିପାଠୀଙ୍କୁ ପରାସ୍ତ କରିଛନ୍ତି । ୩୭ ଭୋଟରୁ ପ୍ରଭାତ ୧୯ ଖଣ୍ଡ ପାଇଥିବାବେଳେ ମନ୍ମଥ ୧୭ ଖଣ୍ଡ ପାଇଥିଲେ । ଗୋଟିଏ ଭୋଟ ନାକଚ ହୋଇଥିଲା । ରଣପୁର ବ୍ଲକ୍‌ରେ ବିଜେଡି ସମର୍ଥିତ ସମିତି ସଭ୍ୟଙ୍କ ସଂଖ୍ୟା ଅଧିକ ଅଛନ୍ତି । ତେବେ ପ୍ରଭାତ ଅଧ୍ୟକ୍ଷ ଆସନ ପାଇଁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ଉପାଧ୍ୟକ୍ଷ ପଦବୀ ନିର୍ବାଚନରେ ବାଜି ମାରିଛନ୍ତି ।

### ଲକ୍ଷ୍ମୀପ୍ରିୟା ଉପାଧ୍ୟକ୍ଷ

ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଭାବେ ଜେମାଦେଇପୁର ପାଟଣା ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ସାହୁ ନିର୍ବାଚିତ ହୋଇଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥିନୀ ଭାବେ ଲକ୍ଷ୍ମୀପ୍ରିୟା କେବଳ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ଲକ୍ଷ୍ମୀପ୍ରିୟା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

### ଶିଶିର ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଭାବେ ରାଣୀପଡ଼ା ପଞ୍ଚାୟତର ସମିତି ସଭ୍ୟ ଶିଶିର କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ନବନିର୍ବାଚିତ ୧୯ ସମିତି ସଭ୍ୟା /ସଭ୍ୟ ଉପସ୍ଥିତ ଥିଲେ । ୩ ଜଣ ସମିତି ସଭ୍ୟ ଅନୁପସ୍ଥିତ ଥିଲେ । ଏକମାତ୍ର ପ୍ରାର୍ଥୀ ଭାବେ ସାହୁ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ପରେ ନିର୍ବାଚନ ଅଧିକାରୀ ଖଣ୍ଡପଡ଼ା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଭାବେ ଶିଶିରଙ୍କ ନାମ ଘୋଷଣା କରିଥିଲେ ।


ଅନୁପମା ବେହେରା
ଦଶପଲ୍ଲା


ବେଣୁଧର ପ୍ରଧାନ
ଭାପୁର


ଲକ୍ଷ୍ମୀପ୍ରିୟା ସାହୁ
ନୟାଗଡ଼


ମୀରା ନାୟକ
ଓଡ଼ଗାଁ


ପର୍ଶୁରାମ ସ୍ୱାଇଁ
ନୂଆଗାଁ


ପ୍ରଭାତ ଦଳବେହେରା
ରଣପୁର


ରାଜକିଶୋର ସାହୁ
ଗଣିଆ


ଶିଶିର କୁମାର ସାହୁ
ଖଣ୍ଡପଡ଼ା

### ପର୍ଶୁରାମ ନିର୍ବାଚିତ

ନୂଆଗାଁ,(ଡି.ଏନ.ଏ.)-ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ପର୍ଶୁରାମ ସ୍ୱାଇଁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନୂଆଗାଁ ବ୍ଲକର ନୂଆଗାଁ ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳି ସାସମଲ ଓ ଡେଙ୍କେଣା ପଞ୍ଚାୟତ ସମିତି ସଭ୍ୟ ପର୍ଶୁରାମ ସ୍ୱାଇଁ ଉପାଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ଭୋଟ ଗ୍ରହଣ ପରେ ପର୍ଶୁରାମ ଶ୍ରଦ୍ଧାଞ୍ଜଳିଙ୍କଠାରୁ ୩ଟି ଭୋଟରେ ଆଗୁଆ ରହି ନୂଆଗାଁ ବ୍ଲକର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

### ରାଜକିଶୋର ଗଣିଆ,ମୀରା ଓଡ଼ଗାଁ ଉପାଧ୍ୟକ୍ଷ

ଗଣିଆ ବ୍ଲକ ଉପାଧ୍ୟକ୍ଷ ଭାବେ ବେଲପଡ଼ାପାଟଣା ସମିତି ସଭ୍ୟ ରାଜକିଶୋର ସାହୁ ନିର୍ବାଚିତ ହୋଇଛନ୍ତି। ଅନ୍ୟ ଜଣେ ପ୍ରାର୍ଥୀ ବିଳମ୍ବରେ ପ୍ରାର୍ଥୀପତ୍ର ଦାଖଲ କରିବାରୁ ତାହା ଗ୍ରହଣୀୟ ହୋଇ ନ ଥିଲା । ଏଣୁ ରାଜ କିଶୋର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । କୋମଣ୍ଡ ସମିତି ସଭ୍ୟ ମୀରା ନାୟକ ଓଡ଼ଗାଁ ବ୍ଲକର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟକେହି ପ୍ରାର୍ଥୀପତ୍ର ଦାଖଲ ନ କରିବାରୁ ମୀରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

### ନିର୍ଦ୍ୱନ୍ଦ୍ୱରେ ଅନୁପମା

ଦଶପଲ୍ଲା,(ଡି.ଏନ୍.ଏ.)-ଦଶପଲ୍ଲା ବ୍ଲକ୍ ସଭାଗୃହରେ ଉପାଧ୍ୟକ୍ଷ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ପଦବୀ ପାଇଁ ମଧଖଣ୍ଡ ସମିତି ସଭ୍ୟା ଅନୁପମା ବେହେରା ନାମାଙ୍କନପତ୍ର ଦାଖଲ କରିଥିଲେ । ହେଲେ ଆଉକେହି ନାମାଙ୍କନପତ୍ର ଦାଖଲ ନ କରିବାରୁ ଅନୁପମା ବ୍ଲକ୍ ଉପାଧ୍ୟକ୍ଷା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

# ଚିଲିକା ବିଧାୟକଙ୍କୁ ଦାମୀ କାର ଦେଇଥିଲେ ଠିକାଦାର

**ନୟାଗଡ଼ ଅଫିସ,୨୩।୩**

- ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲା କଂଗ୍ରେସ
- କାର୍ଯ୍ୟାନୁଷ୍ଠାନ ନ ହେଲେ ବିଧାନସଭା ସମ୍ମୁଖରେ ଧାରଣା

ଖୋର୍ଦ୍ଧା ଜିଲା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ନୟାଗଡ଼ର ଜଣେ ଠିକାଦାର ୧ କୋଟି ଟଙ୍କାର ଏକ କାର ଲାଞ୍ଚ ହିସାବରେ ଦେଇଥିଲେ । ସମ୍ପୃକ୍ତ ଠିକାଦାର ନୟାଗଡ଼ ଜିଲାର ଜଣେ ବିଧାୟକଙ୍କ ଖାସ୍ ଲୋକ । କେଉଁ କାରଣରୁ ସମ୍ପୃକ୍ତ ଠିକାଦାର ପ୍ରଶାନ୍ତଙ୍କୁ ଦାମୀ କାର ଦେଇଥିଲେ । ଏଥିରେ ସମ୍ପୃକ୍ତ ବିଧାୟକଙ୍କ କି ଲିଙ୍କ୍ ରହିଛି ତାର ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି ।

ବୁଧବାର ନୟାଗଡ଼ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି, ଠିକାଦାର ବିଧାୟକ ଲିଙ୍କର ତଦନ୍ତ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇଛନ୍ତି । ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଧାନସଭା ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । କଂଗ୍ରେସ ସଭାପତି ଦାଶଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଗତ ୧୨ ତାରିଖ ନିର୍ବାଚନ ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଉପରକୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କାର ମଡାଇ ଦେଇଥିଲେ । ସେହି କାର (ନଂ.ଓଡି୨୫ କେ ୫୭୭୫) ରେଞ୍ଜ ରୋଭର ଡିସ୍‌କଭରି ଥିଲା । ସେହି କାର ନୟାଗଡ଼ର ଜଣେ ଠିକାଦାରଙ୍କ ନାମରେ ରହିଛି । ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ୧ କୋଟି ଟଙ୍କାର କାର ଲାଞ୍ଚ କେଉଁ ଉଦ୍ଦେଶ୍ୟରେ ଦିଆଯାଇଥିଲା ଜଣାପଡ଼ିବ ବୋଲି ସେ କହିଛନ୍ତି । ପୋଲିସ ଦୁର୍ଘଟଣାଗ୍ରସ୍ତ କାରକୁ ନିଜ ହେପାଜତକୁ ନେଇ ହ୍ୟୁଣ୍ଡାଇ ଡେଟ୍ରାଗାଡ଼ି ଓଡି୦୨ ଏୱାଇ ୫୭୭୫ ନମ୍ବର ଦେଖାଉଛି । ପୋଲିସର ନମ୍ବର ବଦଳାଇବା ନୀତିକୁ ଅନୁଧ୍ୟାନ କଲେ ବିଧାୟକ ଠିକାଦାର ଲିଙ୍କ୍‌କୁ ଘଷ୍ଟ ଘୋଡ଼ାଇବାକୁ ଏପରି କରାଯାଇଛି। ସେହିପରି ଚିଲିକା ବିଧାୟକ ନିଜ ସତ୍ୟପାଠରେ ନିଜ ନାମରେ କୌଣସି ଗାଡ଼ି ନ ଥିବା ଦର୍ଶାଇଥିଲେ। ତାଙ୍କ ସ୍ତ୍ରୀଙ୍କ କେବଳ ଟୋୟୋଟା ଇଟିଓଏସ କାର ଥିବା ସୂଚନା ଦେଇଥିଲେ । ତେବେ ବିଧାୟକ ଚଳାଉଥିବା କୋଟିଏ ଟଙ୍କାର କାର କାହାର ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ଖବରଦାତା ସମ୍ମିଳନୀରେ ନୟାଗଡ଼ ଜିଲା ସଭାପତି ଓ ଅନ୍ୟମାନେ ।

### ଫାଶୀ ଦିବସରେ ରକ୍ତଦାନ ଶିବିର

**ନୟାଗଡ଼ ଅଫିସ,୨୩।୩:**ଶହୀଦ ଭଗତ୍ ସିଂହଙ୍କ ୯୧ ତମ ଫାଶୀ ଦିବସ ଗୋଡ଼ିପଡ଼ା ଶହୀଦ୍ ମଣ୍ଡପରେ ବୁଧବାର ପାଳିତ ହୋଇ ଯାଇଛି । ଏ ଅବସରରେ ଶହୀଦ ମଣ୍ଡପରେ ପତାକା ଉତ୍ତୋଳନ ହେବା ସହ ଗୋଡ଼ିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସନ୍ତୋଷ ଷଡ଼ଙ୍ଗୀଙ୍କ ପରିଚାଳନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ପବିତ୍ର କୁମାର ଇନ୍ଦ୍ରଜିତ୍, ଯୁବନେତା ସରୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ନୟାଗଡ଼ ଅଫିସ,୨୩।୩:** ନୟାଗଡ଼ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ତଥା ଇଟାମାଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପୃଷ୍ଟିଙ୍କ ପରଲୋକ ଘଟିଛି । ପୃଷ୍ଟିଙ୍କ ପରଲୋକ ଖବର ପାଇ ପିସିସି ସମ୍ପାଦକ ହୁସେନ ଖାଁ, କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ, କଂଗ୍ରେସ ଯୁବନେତା ମନୋଜ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।



ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳପଥର ମହିପୁରଠାରୁ ନୂଆଗାଁ ଯାଏ ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ବୁଧବାର ରେଳ ସୁରକ୍ଷା ଆୟୁକ୍ତ ( ସିଆର୍‌ଏସ୍) ବିଭାଗୀୟ ଅଧିକାରୀଙ୍କ ସହ ରେଳପଥକୁ ଯାଞ୍ଚ କରିବା ପରେ ବୁଲି ଦେଖୁଛନ୍ତି ।

# ୬ ଅଧ୍ୟକ୍ଷା, ୪୭ କାଉନ୍‌ସିଲର ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

**ଖଣ୍ଡପଡ଼ା,୨୩।୩(ସ୍ୱ.ପ୍ର.)**

- ୭୯୯୮ ଜଣ ଭୋଟର ନିର୍ଦ୍ଧାରଣ କରିବେ ୫୩ ପ୍ରାର୍ଥୀଙ୍କ ଭାଗ୍ୟ
- ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଫ୍ଲାଗ୍‌ମାର୍ଚ୍ଚ

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଗୁରୁବାର ଭୋଟ ଗ୍ରହଣ ହେବ । ୧୩ ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ଏନ୍‌ଏସିର ୭୯୯୮ ଜଣ ଭୋଟର ୫୩ ଜଣ ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଭୋଟ ଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୁଧବାରଠାରୁ ଶେଷ ହୋଇଛି। ସମସ୍ତ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଅଧ୍ୟକ୍ଷା ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬ ପ୍ରାର୍ଥିନୀଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ବିନୋଦିନୀ ମହାନ୍ତି, ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ଝିଅ ତୃପ୍ତିରାଣୀ ମିଶ୍ରଙ୍କ ସମେତ ପ୍ରଥମ କରି ନିର୍ବାଚନ ଲଢୁଥିବା ୪ ନବାଗତ ପ୍ରାର୍ଥିନୀଙ୍କ ଗୁରୁବାର ଭାଗ୍ୟ ପରୀକ୍ଷା ହେବ । ଜାତିଗତ ପ୍ରମାଣପତ୍ରକୁ ନେଇ ୧୨ନଂ. ୱାର୍ଡରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ପ୍ରାର୍ଥିନୀ ପଞ୍ଚେଇ ପ୍ରଧାନଙ୍କ ପ୍ରାର୍ଥିପତ୍ର ନାକଚ ହେବା ପରେ ବିଜେଡି ପ୍ରାର୍ଥିନୀ ବିମଳା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଅବଶିଷ୍ଟ ୧୨ଟି ୱାର୍ଡରୁ କାଉନସିଲର ପଦ ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ୪୭ ଜଣ ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେଉଛି।


ଖଣ୍ଡପଡ଼ା ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ।

ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଲାଗି ଖଣ୍ଡପଡ଼ା ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ପ୍ରମୁଖ ଛକ ଓ ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଖଣ୍ଡପଡ଼ା ଥାନାଧିକାରୀ ବିଶ୍ୱଜିତ୍ ରାଉତରାୟ, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ,ଏସ୍‌ଆଇ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ପଇଁତରା ମାରୁଛି। ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।